# ବିଟିସିସି ନିର୍ବାଚନ ନେଇ ଅଡୁଆ

■ ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା
■ ୨୬ରେ ଧାରଣା ଚେତାବନୀ

**ବାଲେଶ୍ୱର ଅଫିସ, ୨୪।୧୧**

ବାଲେଶ୍ୱର ପରିବହନ ସମନ୍ୱୟ ସମିତି (ବିଟିସିସି)ର ନିର୍ବାଚନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଗତ ଜୁଲାଇ ୧୪ ତାରିଖରେ ନିର୍ବାଚିତ ହୋଇଥିବା କର୍ମକର୍ତ୍ତାଙ୍କ ଅବଧି ପୂରଣ ହୋଇଯିବାରୁ ଅଗଷ୍ଟ ୧୯ ତାରିଖରେ ସାଧାରଣ ସଭା ବସି ଅସ୍ଥାୟୀ କାର୍ଯ୍ୟକାରିଣୀ ସମିତି ଗଠନ କରାଯାଇଥିଲା। ନିର୍ବାଚନ ପରିଚାଳନା କରିବା ଦାୟିତ୍ୱ ଏହି ସମିତିକୁ ପ୍ରଦାନ କରାଯାଇଥିଲା। ଏହାମଧ୍ୟରେ ୩ମାସ ବିତିଯାଇଥିଲେ ବି ନିର୍ବାଚନ ହୋଇପାରି ନାହିଁ। ଅନ୍ୟପକ୍ଷେ ସଦସ୍ୟତା ନବୀକରଣ, ନୂତନ ସଦସ୍ୟ ଗ୍ରହଣ ଓ ଅର୍ଥର ହିସାବପତ୍ରକୁ ନେଇ କୋର୍ଟ କଚେରି ଯାଏ ମାମଲା ଯାଇଛି। ଏଭଳି ସ୍ଥିତିରେ ନିର୍ବାଚନ କରାଯାଉ ନ ଥିବାରୁ ଏହାର ପ୍ରତିବାଦରେ ଆସନ୍ତା ୨୬ ତାରିଖରେ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବା ଲାଗି ଗୋଟିଏ ଗୋଷ୍ଠୀ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ମର୍ମରେ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବର କର୍ମକର୍ତ୍ତାମାନେ ଦାୟିତ୍ୱ ହସ୍ତାନ୍ତର ନ କରିବା ନିର୍ବାଚନ ଲାଗି ବାଧକ ସାଜିଛି ବୋଲି ଅସ୍ଥାୟୀ କାର୍ଯ୍ୟକାରିଣୀ ସମିତିର ସଭାପତି ପ୍ରଶାନ୍ତ କୁମାର ଆଚାର୍ଯ୍ୟ କହିଛନ୍ତି। ଉଲ୍ଲେଖନୀୟ ଯେ, ବାଲେଶ୍ୱର ଜିଲାର ଶିକ୍ଷିତ ବେକାର ଯୁବକଙ୍କୁ ପରିବହନ ବ୍ୟବସ୍ଥାରେ ଆତ୍ମନିଯୁକ୍ତି ସୁଯୋଗ ଦେବା ଲାଗି ୧୯୯୪ ମସିହାରେ ବିଟିସିସି ଗଠିତ ହୋଇଥିଲା। ୨୦୦୯ ମସିହାରେ ପଞ୍ଜୀକୃତ ହୋଇଥିବା ଏହି ସଙ୍ଗଠନରେ ବର୍ତ୍ତମାନ ୬୩୮ ଜଣ ସଦସ୍ୟ ରହିଛନ୍ତି। ଅନୁଷ୍ଠାନର ସୁପରିଚାଳନା ପାଇଁ ଗଣତାନ୍ତ୍ରିକ ପଦ୍ଧତିରେ ପ୍ରତି ୩ ବର୍ଷକୁ ଥରେ ନିର୍ବାଚନ ହେବାର ବ୍ୟବସ୍ଥା ରହିଛି। ଏହି ନିର୍ବାଚନକୁ କେନ୍ଦ୍ର କରି ବିବାଦ ଜଟିଳ ରୂପ ନେଉଥିବାରୁ ଜିଲାରେ ପରିବହନ ସମସ୍ୟା ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। ଜିଲାପ୍ରଶାସନ ଏ ସମ୍ପର୍କରେ ଆଲୋଚନା କରି ସମାଧାନର ବାଟ ବାହାର କରିବା ଜରୁରୀ ବୋଲି ସଂଘର ସଦସ୍ୟମାନେ କହିଛନ୍ତି।

## ସଂକ୍ଷେପରେ

### ‘ଗୌରଗୋପାଳ ଥିଲେ ସାଲିସ ବିହୀନ ରାଜନେତା’



**ଜଳେଶ୍ୱର, ୨୪।୧୧(ଡି.ଏନ.ଏ.):** ଜଳେଶ୍ୱର ନିର୍ବାଚନମଣ୍ଡଳୀର ଜନପ୍ରିୟ ତଥା ବିଜୁଜନତା ଦଳର ଟାଣୁଆ ନେତା ସ୍ୱର୍ଗତ ଗୌରଗୋପାଳ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତୀ ଶନିବାର ୩ୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଉନ୍ମୋଚିତ ହୋଇଯାଇଛି। ଜଳେଶ୍ୱର ବ୍ଲକ ରାୟାଁରାମଚନ୍ଦ୍ରପୁର ଗ୍ରାମସ୍ଥିତ ତାଙ୍କ ବାସଭବନ ସମ୍ମୁଖରେ ସ୍ଥାପନ କରାଯାଇଥିବା ଏହି ପ୍ରତିମୂର୍ତ୍ତିକୁ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର କୁମାର ଜେନା ଉନ୍ମୋଚନ କରିଛନ୍ତି। ଏହାପରେ ନିତ୍ୟଗୋପାଳ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ଏମ୍‌ପି ଜେନା, ସମ୍ମାନନୀୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ସ୍ୱର୍ଗତ ଗୌରବାବୁଙ୍କ ସହଧର୍ମିଣୀ ତଥା ଜିଲାପରିଷଦ ସଭ୍ୟା ସାବିତ୍ରୀ ଦାସ, ସାମାଜିକ କର୍ମୀ ସୁବାସିନୀ ଜେନା, ବଳରାମ ସାହୁ, ବିନ୍ଦୁବାଳା ନନ୍ଦୀ, ଭୁବନାନନ୍ଦ ଦାସ, ଜିଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ବ୍ଲକ୍ ଅଧ୍ୟକ୍ଷ ଗୌରୀ କୁମାର ରାଉତ, ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ସ୍ଥାନୀୟ ଆରଆରପୁର ସରପଞ୍ଚ ଶୁଭସ୍ମିତା ଦାସ, ସମିତିସଭ୍ୟା ସଞ୍ଜିତା ସେନାପତି ପ୍ରମୁଖ ଯୋଗଦେଇ ଗୌରବାବୁ ଜଣେ ସାଲିସବିହୀନ ରାଜନୀତିଜ୍ଞ ଥିଲେ ବୋଲି କହିଥିଲେ। ଶେଷରେ ମଧୁସୂଦନ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ

**ସୋର, ୨୪।୧୧(ଡି.ଏନ.ଏ.):** ସୋର ବ୍ଲକ ଅଧୀନ କୁଡ଼େଇ ମହିଳା ମହାବିଦ୍ୟାଳୟରେ ଆରମ୍ଭ ହୋଇଥିବା ୧୨ ଦିନିଆ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ କରୁଣାକର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ସୋର ଥାନା ଏସ୍‌ଆଇ ସଁବାରୀ ହାଁସଦା, ମୁଖ୍ୟବକ୍ତା ଭାବେ ଫକୀରମୋହନ ଜୁନିୟର କଲେଜର ମହିଳା ଆତ୍ମରକ୍ଷା ସଂଯୋଜକ ଡ. ସନ୍ତୋଷ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଦେଶରେ ମହିଳାଙ୍କ ପ୍ରତି ହେଉଥିବା ବିଭିନ୍ନ ଅମାନୁଷିକ ଆଚରଣ ନେଇ ଉଦ୍‌ବେଗ ପ୍ରକାଶ କରି ଏହାର ମୁକାବିଲା କରିବାକୁ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିକ୍ଷା କରିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଜୟନ୍ତ ସ୍ୱାଇଁ, ଟ୍ରେନର ବିଜୟଲକ୍ଷ୍ମୀ ପାତ୍ର, ସସ୍ମିତା ଖିଟୁଆଙ୍କ ସହ କାର୍ଯ୍ୟକ୍ରମ ସଂଯୋଜିକା ଅଧାପିକା ଅନ୍ନପୂର୍ଣ୍ଣା ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶେଷରେ ଅଧାପକ ନିଗମାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧାପକ, ଅଧାପିକା ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ। ପ୍ରଶିକ୍ଷାର୍ଥୀଙ୍କୁ ଏହି ଅବସରରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ଭାଜପାର ଜନପରାମର୍ଶ ପଦଯାତ୍ରା

**ବାଲିଆପାଳ,୨୪।୧୧(ଡି.ଏନ.ଏ.):** ଭାଜପା ଯେଉଁଠି ବିକାଶ ସେଇଠି ଏହି ନାରା ଦେଇ ଭାଜପା, ଖପରାପଦା ମଣ୍ଡଳ ପକ୍ଷରୁ ମଙ୍ଗଳବାର ଜନପରାମର୍ଶ ପଦଯାତ୍ରା ଶୁଭାରମ୍ଭ ହୋଇଛି। ଏହି ଅବସରରେ ଭାଜପା ନେତୃମଣ୍ଡଳୀ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରାଯାଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଖପରାପଦା ମଣ୍ଡଳ ସଭାପତି ସୁଧାଂଶୁ ତ୍ରିପାଠୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ଜିଲାସାଧାରଣ ସମ୍ପାଦକ ଅଜୟ କୁମାର ସାହୁ ଯୋଗଦେଇ ଗତ ନଭେମ୍ବର ୧୧ତାରିଖରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ପଦଯାତ୍ରା ପ୍ରତ୍ୟେକ ଅଞ୍ଚଳରେ ପର୍ଯ୍ୟାୟ କ୍ରମେ କରାଯାଉଥିବା କହିଥିଲେ। ଜାତୀୟ ପରିଷଦ ସଦସ୍ୟ ଶ୍ୟାମାପ୍ରସାଦ ବେହେରା, ଜିଲା କମିଟି ସଦସ୍ୟ ଅରବିନ୍ଦ ବେହେରା ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## ■ ଖଇରାରେ ‘ଚାଇଲ୍ଡ ଲାଇନ ସେ ଦୋସ୍ତି’
# ଶିଶୁ ଶ୍ରମିକ ସମସ୍ୟା ସମାଧାନ ଲାଗି ସହଯୋଗ ଲୋଡ଼ା

**ଖଇରା, ୨୪।୧୧(ଡି.ଏନ.ଏ.)**

ଖଇରା ଚାଇଲ୍ଡଲାଇନ ଆନୁକୂଲ୍ୟରେ ସ୍ଥାନୀୟ କାର୍ଯ୍ୟାଳୟରେ ଚାଇଲ୍ଡଲାଇନ ସେ ଦୋସ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶକ ମଦନମୋହନ ବେହେରା ଶିଶୁ ଶ୍ରମିକମାନଙ୍କୁ ଶିଶୁ ମଙ୍ଗଳ କମିଟି ମାଧ୍ୟମରେ କିଭଳି ବିଗତ ଦିନରେ ଥଇଥାନ କରାଯାଇଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ସଚେତନତା ପାଇଁ ଖଇରା ଚାଇଲ୍ଡ ଲାଇନର କର୍ମଚାରୀମାନେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଯାଇ ଚାଇଲ୍ଡ ଲାଇନ ସେ ଦୋସ୍ତିର ବାର୍ତ୍ତା ପ୍ରଦାନ କରୁଥିବା ନେଇ ବେହେରା ସୂଚନା ଦେଇଥିଲେ। କର୍ମଚାରୀମାନେ ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଏସ୍‌ପି ବି. ଯୁଗଳ କିଶୋରଙ୍କ ସମେତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତଥା ବିଭିନ୍ନ ସ୍କୁଲକୁ ଯାଇ ପିଲାମାନଙ୍କୁ ଭେଟି ଦୋସ୍ତି ରାଖି ପିନ୍ଧାଇଥିଲେ। ଶିଶୁ ଶ୍ରମିକ ସମସ୍ୟାର ସମାଧାନ ପାଇଁ ସବୁ ସ୍ତରରେ ବିଶେଷକରି ଖବରଦାତାମାନଙ୍କର ସହଯୋଗ ଲୋଡିଥିଲେ। ଏଥିରେ ଚାଇଲ୍ଡଲାଇନର କର୍ମଚାରୀ ତପସ୍ୱିନୀ ରାଉତ, ସାୟଂପ୍ରଭା ଦଲେଇ, ଚିନ୍ମୟ ପାଢୀ, ପଞ୍ଚାନନ ତ୍ରିପାଠୀ ପ୍ରମୁଖ ନିଜ ବକ୍ତବ୍ୟରେ ନାବାଳିକା ବିବାହ ହେଉ କି ଅନ୍ୟ କିଛି ସମସ୍ୟା ହେଉ ଟୋଲ ଫ୍ରି ନମ୍ବର ୧୦୯୮ରେ ଫୋନରେ ଜଣାଇବାକୁ ଅନୁରୋଧ କରିଥିଲେ।



ଖବରଦାତା ସମ୍ମିଳନୀରେ ଚାଇଲ୍ଡ ଲାଇନର କର୍ମକର୍ତ୍ତା।

# ହାଟ ସୀମା ନିର୍ଦ୍ଧାରଣ ପାଇଁ ତହସିଲଦାରଙ୍କୁ ଦାବିପତ୍ର

**ଖଇରା, ୨୪।୧୧(ଡି.ଏନ.ଏ.)**

ଖଇରା ବ୍ଲକର ରକ୍ତତୀର୍ଥ ତୁଡିଗଡିଆ ଅଢେଇ ବର୍ଷ ତଳୁ ପର୍ଯ୍ୟଟନକ୍ଷେତ୍ରର ମାନ୍ୟତା ପାଇଛି ସତ, ପ୍ରଶାସନର ଅସହଯୋଗ ଯୋଗୁ ଏହାର ବିକାଶ ହୋଇପାରୁନାହିଁ। ବିଶେଷ କରି ତୁଡିଗଡିଆ ଓ ତେନ୍ତୁଳିଆପଡା ମୌଜାରେ ଥିବା ହାଟର ସୀମା ନିର୍ଦ୍ଧାରଣ କରାଯାଇ ନ ଥିବାରୁ ବିକାଶମୂଳକ କାର୍ଯ୍ୟରେ ଏହା ବାଧକ ସାଜିଛି। ଜୁନ୍ ୫ ଓ ୧୮ ତାରିଖରେ ସରପଞ୍ଚ ତିଳୋତ୍ତମା ମଲିକ ଖଇରା ତହସିଲଦାର ପ୍ରଦୀପ ସାହୁ ମାପ ନିର୍ଦ୍ଧାରଣ ପାଇଁ ଲିଖିତ ଭାବେ ଜଣାଇଥିଲେ ହେଁ ଏ ପର୍ଯ୍ୟନ୍ତ ରାଜସ୍ୱ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଡ୍ରେନ ନିର୍ମାଣ, ସୁଲଭ ଶୌଚଳାୟ, ଆବର୍ଜନାକୁଣ୍ଡ, ଯାତ୍ରୀ ବିଶ୍ରାମଗାର ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ହେଁ ଜାଗା ସୀମା ନିର୍ଦ୍ଧାରଣ କରାଯାଉ ନ ଥିବାରୁ ନିର୍ମାଣ ଅଟକ ରହିଛି। ଏ ସମ୍ପର୍କରେ ତହସିଲଦାର ସାହୁଙ୍କୁ ପଚାରିବାରେ ଏ ସମ୍ପର୍କରେ ବୁଝି ଜଣାଇବେ ବୋଲି କହିଛନ୍ତି।



ତୁଡିଗଡିଆଠାରେ ଥିବା ଶହୀଦ ସ୍ମୃତିସ୍ତମ୍ଭ।

# ଅନନ୍ତପୁରରେ ସମ୍ବର୍ଦ୍ଧନା ଉତ୍ସବ



ସମ୍ବର୍ଦ୍ଧନା ଉତ୍ସବରେ ଅତିଥି।

**ସୋର, ୨୪।୧୧(ଡି.ଏନ.ଏ.)**

ସୋର ବ୍ଲକ ଅନନ୍ତପୁର ଜଗନ୍ନାଥ ମନ୍ଦିରରେ ରାହାସ ପୂର୍ଣ୍ଣିମା ଅବସରରେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ନିତ୍ୟାନନ୍ଦ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉତ୍କଳ ଗୌରବ ମଧୁସୂଦନ ସମ୍ମାନରେ ସମ୍ମାନିତ ହୋଇଥିବା କମିଟିର ସକ୍ରିୟ ସଭ୍ୟ ସୁରେନ୍ଦ୍ର ପ୍ରମାଣିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିତ୍ତଳ ଶ୍ରୀମଦ୍ ଭାଗବତ ପ୍ରଜ୍ଞାପୀଠ ପୁରସ୍ତମ କ୍ଷେତ୍ରର ମହନ୍ତ ବଂଶୀଧର ରାଉତ, ଆଇନଜୀବୀ ତଥା ଅନନ୍ତପୁର ମା’ ତାରିଣୀ ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ଦାସ, ବରିଷ୍ଠ ସେବାୟତ ପଦ୍ମଲୋଚନ କର ଉପସ୍ଥିତ ଥିଲେ। ଚିତ୍ତରଞ୍ଜନ ଦାସ ମଞ୍ଚ ପରିଚାଳନା ଓ ବସନ୍ତ କୁମାର କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଭଜନ ପରିବେଷଣ କରାଯାଇଥିଲା।

# ମାତୃଶକ୍ତିର ଜାଗରଣ ହେଲେ ଦେଶର ଉନ୍ନତି ସମ୍ଭବ

**ବାହାନଗା,୨୪।୧୧(ଡି.ଏନ.ଏ.)**

ମାତୃଶକ୍ତିର ଜାଗରଣ ହେଲେ ଦେଶ ତଥା ଜାତିର ଉନ୍ନତି ସମ୍ଭବ ବୋଲି ବାହାନଗା ବ୍ଲକ ବିଷ୍ଣୁପୁରଠାରେ ନବକୁଣ୍ଡୀୟ ଗାୟତ୍ରୀ ମହଯଜ୍ଞରେ ଜିଲା ଗାୟତ୍ରୀ ଟ୍ରଷ୍ଟବୋର୍ଡର ସଦସ୍ୟ ଯଜ୍ଞବରାହ ମହାନ୍ତି ଯୋଗଦେଇ କହିଛନ୍ତି। ଏହି ମହାଯଜ୍ଞ ପାଇଁ ସକାଳେ ଏକ ବିଶାଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ରାଜେଶ କୁମାର ପଣ୍ଡା ଓ ସୁରେଶ କୁମାର ପଣ୍ଡା ପରିଚାଳନା କରିଥିଲେ। ଏହି ଅବସରରେ ଏକ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ଗାୟତ୍ରୀ ଟ୍ରଷ୍ଟବୋର୍ଡର ସଦସ୍ୟ ମହାନ୍ତି ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଗାୟତ୍ରୀ ଟ୍ରଷ୍ଟବୋର୍ଡର ଅଫିସ ଟ୍ରେଜେରୀ ଅଫିସର ରଞ୍ଜିତା ମହାନ୍ତି, ସୁଶାନ୍ତ କୁମାର ଦାଶ, ଅନନ୍ତ ପ୍ରସାଦ ପଣ୍ଡା, ଶଙ୍କର୍ଷଣ ପଣ୍ଡା, ମୁକ୍ତିକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଉପସ୍ଥିତ ମହିଳା ଓ ପୁରୁଷଙ୍କୁ ଧର୍ମବାଣୀ ଶୁଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର ଦାଶ, ସଞ୍ଜୟ କୁମାର ପଣ୍ଡା ସଞ୍ଚାଳନ କାରିଥିଲେ। ଶେଷରେ ବୃନ୍ଦାବନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଷ୍ଣୁପୁର ଗ୍ରାମବାସୀ ଓ ବିଷ୍ଣୁପୁର ଗ୍ରାମରେ ଥିବା ଗାୟତ୍ରୀ ପୀଠର ସଦସ୍ୟାସଦସ୍ୟ ସହଯୋଗ କରିଥିଲେ।



ଗାୟତ୍ରୀ ପୀଠରେ ଅନୁଷ୍ଠିତ ଧର୍ମସଭାରେ ଗାୟତ୍ରୀ ପରିବାର ଓ ଗ୍ରାମବାସୀ।

# କେନ୍ଦ୍ର ଓ ରାଜ୍ୟ ବିରୋଧରେ ବର୍ଷିଲେ ସିପିଏମ୍ ନେତା

**ଖଇରା,୨୪।୧୧(ଡି.ଏନ.ଏ.)**

ଖଇରା ବ୍ଲକ ସିପିଏମ୍ ଆଞ୍ଚଳିକ କମିଟି ଆନୁକୂଲ୍ୟରେ ଗୁରୁବାର ଏକ ପଥପ୍ରାନ୍ତ ସଭା ଖଇରା ବଜାର ପୋଷ୍ଟ ଅଫିସ ଛକରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ପ୍ରଶାନ୍ତ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆଞ୍ଚଳିକ କମିଟି ସମ୍ପାଦକ ମୁରଲୀଧର ବେହେରା, ଆଇନଜୀବୀ ଭରତ ଚନ୍ଦ୍ର ପଣ୍ଡା, ଜିଲା ଉପସଭାପତି ଜଗତାନନ୍ଦ ମହାପାତ୍ର, ଆଇନଜୀବୀ ଅଜୟ ପଟ୍ଟନାୟକ, ଭଗବାନ ଦାସ, ହରେକୃଷ୍ଣ କୁଅଁର, ସନ୍ତୋଷ ସାହୁ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ଡିଜେଲ ଓ ପେଟ୍ରୋଲ ଦର ବୃଦ୍ଧି, ଧାନର ଅଭାବୀ ବିକ୍ରି, ବେକାରି ସମସ୍ୟା, ଜନଧନ ଯୋଜନାରେ ବିଫଳତାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

# କ୍ଷତିପୂରଣ ଦିଅ, ନଚେତ୍ ଆନ୍ଦୋଳନ

**ବସ୍ତା, ୨୪।୧୧(ସ୍ୱ.ପ୍ର.)**

ସର୍ପାଘାତ, ବଜ୍ରପାତ ଭଳି ବିଭିନ୍ନ ଦୁର୍ଘଟଣାରେ ମୃତ୍ୟୁମୁଖରେ ପଡୁଥିବା ଚାଷୀଙ୍କୁ ସୁରକ୍ଷା ଭତ୍ତା, ତିତ୍‌ଲି କ୍ଷତିଗ୍ରସ୍ତ ଚାଷୀଙ୍କୁ ହେକ୍ଟର ପିଛା ୬, ୮୦୦ ପରିବର୍ତ୍ତେ ୨୦ହଜାର ଟଙ୍କା ସହାୟତା, ଧାନ କୁଇଣ୍ଟାଲ ପିଛା ୧୭୫୦ପରିବର୍ତ୍ତେ ୩ହଜାର ଧାର୍ଯ୍ୟ ଦାବି ନେଇ କିଷାନ କ୍ଷେତ ମଜଦୁର କଂଗ୍ରେସର ଏକ ଜରୁରୀ ବୈଠକ ବସ୍ତା ଡାକବଙ୍ଗଳାରେ ଶନିବାର ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ବସ୍ତା ବ୍ଲକ ସଭାପତି ନରେନ୍ଦ୍ର ଦାସଙ୍କ ଦ୍ୱାରା ଆହୂତ ବୈଠକରେ ରାଜ୍ୟ କିଷାନ କ୍ଷେତ ମଜଦୁର କଂଗ୍ରେସର ସଭାପତି ପ୍ରାକ୍ତନ ବିଧାୟକ ଦେବୀପ୍ରସନ୍ନ ଚାନ୍ଦ, ବାଲେଶ୍ୱର ଜିଲା ସଭାପତି ନିରଞ୍ଜନ ବେହେରା, ସାଧାରଣ ସମ୍ପାଦକ ଜୟନ୍ତ ମହାପାତ୍ର, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରଜ୍ଞା ପାରମିତା ମହାନ୍ତି, ଜିଲା କଂଗ୍ରେସ ଉପସଭାପତି ସତ୍ୟନାରାୟଣ ଗୁପ୍ତା, ସାଧାରଣ ସଂପାଦକ ମନୋଜ କୁମାର ମହାନ୍ତି, ଭାରତୀୟ ଜାତୀୟ ଟ୍ରେଡ ୟୁନିୟନ କଂଗ୍ରେସ ବସ୍ତା ବ୍ଲକ ସଭାପତି ସମିତିସଭ୍ୟ ରବୀନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ପ୍ରଭାସ ମଣ୍ଡଳ, ଦାମୋଦର ଯେନା, ଯୁବକଂଗ୍ରେସ ବସ୍ତା ନିର୍ବାଚନ ମଣ୍ଡଳୀ ସଭାପତି ସୁଧାଂଶୁ ଯେନା, ସାଧାରଣ ସମ୍ପାଦକ ନୃସିଂହଚରଣ ଦାସ, ମଜଦୁର କଂଗ୍ରେସ ବ୍ଲକ ଉପସଭାପତି ଚତୁର୍ଭୁଜ ପାତ୍ର ପ୍ରମୁଖ ଚାଷୀ ଓ କୃଷି ସମସ୍ୟା ଉପରେ ଆଲୋଚନା କରିଥିଲେ। ରୋଗପୋକ ଓ ହାତୀ ଉପଦ୍ରବ ଯୋଗୁ ଫସଲ ହରାଇଥିବା ଚାଷୀଙ୍କୁ କ୍ଷତିପୂରଣ, ପ୍ରଧାନମନ୍ତ୍ରୀ ଫସଲବୀମା ଓ କୃଷି ସଞ୍ଚାଇ ଯୋଜନା କାର୍ଯ୍ୟକାରୀ ହେବା ଆଦି ଦାବି ପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।





## ସେଲ୍‌ଫି କର୍ନର



→ ସୋମି



→ ତନୁଶ୍ରୀ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଶାନ୍ତି, ମୈତ୍ରୀ ବାର୍ତ୍ତା ସାଙ୍ଗକୁ ସେବା କାର୍ଯ୍ୟ

**ସୋର, ୨୪।୧୧(ଡି.ଏନ.ଏ.):** ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ଅହମ୍ମଦୀୟା ମୁସଲିମ୍ ଜମାଅତ ତରଫରୁ ମହମ୍ମଦଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅହମଦୀୟା ସମ୍ପ୍ରଦାୟ ପକ୍ଷରୁ ସୋର ଥାନା ଓ ତହସିଲ ପରିସର ସଫେଇ କରାଯିବା ସହିତ ସୋର ଡ଼ାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଇସଲାମ୍ ଧର୍ମର ବାର୍ତ୍ତା ଶାନ୍ତି, ମୈତ୍ରୀ ଓ ପ୍ରୀତିର ପ୍ରଚାର ପାଇଁ ଅହମ୍ମଦୀୟା ମୁସଲିମ୍ ଜମାଅ ପକ୍ଷରୁ ମସଜିଦ୍‌ରେ ଧର୍ମସଭାର ଆୟୋଜିତ ହୋଇଥିଲା। ଜମାତର ସଭାପତି ଫିରୋଜ ଖାଁଙ୍କ ସଭାପତିତ୍ୱରେ ଆୟୋଜିତ ଧର୍ମସଭାରେ ଅହମ୍ମଦୀୟା ଜମାଅତ୍‌ର ମୌଲାନା ଅବଦୁଲ ରହିମ ସାହେବ, ମୌଲବି ଜାୱେଦସାହେବ ପ୍ରମୁଖ ଯୋଗଦାନ କରି ହଜରତ୍ ମହମ୍ମଦଙ୍କ ଆଦର୍ଶ ମନୁଷ୍ୟ ଜାତି ପାଇଁ ଶାନ୍ତି, ସ୍ନେହ ଓ ଭାତୃତ୍ୱଭାବ ଉପରେ ଆଧାରିତ ଥିବା କହିଥିଲେ। ଶେଖ ୱାଜୁଦ୍ଦିନ ସାହେବ ଓ ମୌଲବି ରାସିଦ ଜମିଲ ସାହେବ ଶେଖ, ମସିରଦ୍ଦିନ ସାହେବ ଓ ଶେଖ ସବାଉଦ୍ଦିନ ଖାଁ ସାହେବ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ଚିତ୍ରାଙ୍କନରେ ଗୁରୁଭାଙ୍କ କୃତିତ୍ୱ

**ବାଲେଶ୍ୱର ଅଫିସ, ୨୪।୧୧**

ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ବାଲେଶ୍ୱର ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ୭ମ ଶ୍ରେଣୀର ଛାତ୍ର ଗୁରୁଭା ମୁର୍ମୁ ୪ର୍ଥ ସ୍ଥାନ ଅଧିକାର କରି ଜିଲା ପାଇଁ ଗୌରବ ଆଣିଦେଇଛନ୍ତି। ଦୃଷ୍ଟିହୀନ ସତ୍ତ୍ୱେ ତାଙ୍କର କଳାକୃତିକୁ ଅତିଥିମାନେ ପ୍ରଶଂସା କରିଛନ୍ତି। ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଆନୁକୂଲ୍ୟରେ ଆୟୋଜିତ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ଓଡ଼ିଶା ସରକାରଙ୍କ ସହାୟତାରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ଗୁରୁଭାଙ୍କୁ ସମ୍ମାନିତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଦିବାକର ସ ସଫଳତା ପାଇଁ ଗୁରୁଭାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ମନ୍ତ୍ରୀଙ୍କ ଦ୍ୱାରା ଗୁରୁଭା ସମ୍ମାନିତ।

## ■ ସମସ୍ୟାରେ ଗଣ୍ଡିବେଡ଼ ଡାକ୍ତରଖାନା
# ଗଠିତ ହେଲା ମେଡିକାଲ କ୍ରିୟାନୁଷ୍ଠାନ କମିଟି

**ଖଇରା, ୨୪।୧୧(ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଡାକ୍ତର ଓ ନୂତନ ଗୃହ ଅଭାବ ଯୋଗୁ ରୋଗୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ବ୍ୟବସାୟୀମାନଙ୍କର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଗଣ୍ଡିବେଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ଏହି ସମସ୍ୟାର ସମାଧାନ ନିମନ୍ତେ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା। ଏଥିରେ ଅଭିମନ୍ୟୁ ରାଉଳଙ୍କୁ ସଭାପତି, ରତ୍ନାକର ମହାନ୍ତିଙ୍କୁ ଉପସଭାପତି, ଦେବବ୍ରତ ଦାସଙ୍କୁ ସମ୍ପାଦକ, ଇଂ ରାଜେଶ ମହାକୁଡଙ୍କୁ ସହସମ୍ପାଦକ, ମନୋରଞ୍ଜନ ମହାନ୍ତିଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ସ୍ଥାନୀୟ ଡାକ୍ତର ଦୁର୍ଗାମାଧବ ଓଝା, ସରପଞ୍ଚ ସୁଶାନ୍ତ ମହାକୁଡ, ବାବାଜୀ ଚରଣ ମହାନ୍ତି, କୃଷ୍ଣଚନ୍ଦ୍ର ସାହୁଙ୍କୁ ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଭାବେ ରଖାଯାଇଛି। ଡାକ୍ତର କିଭଳି ସବୁଦିନେ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହିବେ, ଆସୁଥିବା ଔଷଧ କିଭଳି ସବୁ ରୋଗୀଙ୍କୁ ମିଳିପାରିବ ସେସବୁ ନେଇ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ ପ୍ରଥମେ ଏକ ଦାବିପତ୍ର ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧୀକାରୀଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।



କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା।

## ସଂକ୍ଷେପରେ

### 'ଶିକ୍ଷା ସମାଜକୁ ଦିଗ୍‌ଦର୍ଶନ ଦିଏ'

**ପଦ୍ମପୁର, ୨୪।୧୧ (ଡି.ଏନ.ଏ.):** ଭଦ୍ରକ ବ୍ଲକ ଅଧୀନ ଇଚ୍ଛାପୁରଠାରେ ଡିଏଭି ମଦନ ମୋହନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ମୁଖ୍ୟଅତିଥି ଏବଂ ଭୁବନେଶ୍ୱର ଡିଏଭି ମ୍ୟାନେଜମେଣ୍ଟ କଲେଜର ଅଧକ୍ଷ ଡା. ଦ୍ୱାରିକାନାଥ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶିକ୍ଷା ସମାଜକୁ ଦିଗ୍‌ଦର୍ଶନ ଦିଏ ବୋଲି ମତବ୍ୟକ୍ତ କରିଥିଲେ। ପରିଚାଳନା ସମିତି ସଭାପତି ହେମନ୍ତ କୁମାର ପାଢୀ, ଅଧକ୍ଷା ଦେବଯାନୀ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିକ୍ଷକ ବିଚିତ୍ରାନନ୍ଦ ନାଥ, ପ୍ରିୟବ୍ରତ ଚୌଧୁରୀ ଓ ଶିକ୍ଷୟିତ୍ରୀ ନିହାରିକା ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




### ଜେଲ୍ ଗଲେ ୨ ଏଟିଏମ୍ ଲୁଟେରା

**ଭଣ୍ଡାରିପୋଖରୀ, ୨୪।୧୧ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ମାଳଦା ବଜାରସ୍ଥିତ ଷ୍ଟେଟବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଲୁଟ୍ ଉଦ୍ୟମ ଘଟଣାରେ ଅଟକ ୨ ଲୁଟେରାଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା। ପରେ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଧାମନଗର ଥାନା ଅନ୍ତର୍ଗତ ପଳିକିରି ପଞ୍ଚାୟତ ପଦ୍ମପୋଖରୀ ଗ୍ରାମର ଅଜୟ କୁମାର ସେଠୀ ଓ ଗଦାଧର ସେନାପତି। ତେବେ ଲୁଟ୍ ଘଟଣାରେ ୪ ଜଣ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ଲୁଟେରାମାନେ ଏଟିଏମ୍ ମେଶିନର କ୍ୟାମେରା, ମନିଟର, ୟୁଏଇବ୍ରାକେଟ, ଅପରହୁଡ ଭାଙ୍ଗି ଦେଇଥିବା ଭୁବନେଶ୍ୱରସ୍ଥିତ ଟିସିଆଇ ପ୍ରାଇଭେଟ ଲିଃ ପକ୍ଷରୁ ଅବିନାଶ ତ୍ରିପାଠୀ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଥିଲେ।

# ମନ ମୋହିଲା ହରଗୌରୀ ବେଶ

**ଆରଡ଼ି, ୨୪।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିରେ ଶୁକ୍ରବାର ରାହାସ ପୂର୍ଣ୍ଣିମା ଉତ୍ସବ ପାଳନ ଅବସରରେ ବହୁ ଭକ୍ତଙ୍କ ସମାବେଶ ହୋଇଥିଲା। ସନ୍ଧ୍ୟାରେ ବାବା ଆଖଣ୍ଡଳମଣି 'ହର' ଏବଂ ମାତା ପାର୍ବତୀ 'ଗୌରୀ' ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ରତ୍ନଭଣ୍ଡାରରେ ଥିବା ବିଭିନ୍ନ ଅଳଙ୍କାର ଅଣାଯାଇ ବାବା ଆଖଣ୍ଡଳମଣି ଓ ମାତା ପାର୍ବତୀଙ୍କୁ ହରଗୌରୀ ବେଶରେ ସଜ୍ଜିତ କରାଯାଇଥିଲା। ପ୍ରଭୁଙ୍କର ଏହି ଦିବ୍ୟ ବେଶ ଭକ୍ତଙ୍କ ମନ ମୋହିଥିଲା।

ହରଗୌରୀ ବେଶରେ ଦେବଦମ୍ପତିଙ୍କୁ ଦର୍ଶନ କଲେ କନ୍ୟା ସନ୍ତାନଙ୍କର ମଙ୍ଗଳ ଦୋଷ କଟିଥାଏ ବୋଲି ଲୋକବିଶ୍ୱାସ ରହିଛି। ଏଥିଲାଗି ସନ୍ଧ୍ୟାରେ ପୀଠ ପରିସରରେ ବହୁସଂଖ୍ୟାରେ ବାଳିକା ରୁଣ୍ଡ ହୋଇ ଦର୍ଶନ କରିଥିଲେ। ରାହାସ ପୂର୍ଣ୍ଣିମା ଉତ୍ସବରେ ଉପସ୍ଥିତ ଭକ୍ତଙ୍କ ମନୋରଞ୍ଜନ ପାଇଁ ଆରଡ଼ି ସନ୍ନିକଟ କଳାବିକାଶ କେନ୍ଦ୍ର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ଭକ୍ତି ସଂଗୀତ ସାଙ୍ଗକୁ ନୃତ୍ୟ ଆକର୍ଷଣ ସାଜିଥିଲା। ରାତି ୧୨ଟା ପର୍ଯ୍ୟନ୍ତ ପୀଠରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହିଥିଲା। ବାବାଙ୍କ ପାଖରେ ବାଟୁଳା ଭୋଗ ହେବା ପରେ ପହୁଡ଼ ପକାଯାଇଥିଲା। ରତ୍ନଭଣ୍ଡାରରେ ସ୍ୱର୍ଣ୍ଣ, ରୌପ୍ୟ, ତାମ୍ର ନିର୍ମିତ ଅଳଙ୍କାର ଥିବାବେଳେ ଚଳିତବର୍ଷ ସ୍ୱର୍ଣ୍ଣ ବଦଳରେ କେବଳ ପିତ୍ତଳ ଓ ରୂପାର ଚକ୍ଷୁ, ନାସା, କର୍ଣ୍ଣ, ହାର, ମୁକୁଟ ଆଦି ହରଗୌରୀ ବେଶ ସକାଶେ ବ୍ୟବହାର କରାଯାଇଥିଲା। ମନ୍ଦିରରୁ ବିଭିନ୍ନ ସମୟରେ ଚୋରି ହେଉଥିବାରୁ ଏଥର ସ୍ୱର୍ଣ୍ଣ ଅଳଙ୍କାର ବ୍ୟବହାର କରା ଯାଇ ନ ଥିବା କୁହାଯାଉଛି, ଯାହାକୁ ନେଇ ଭକ୍ତମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।


ହରଗୌରୀ ବେଶରେ ମାତା ପାର୍ବତୀ ଓ ବାବା ଆଖଣ୍ଡଳମଣି।

# ପ୍ଲାଷ୍ଟିକମୁକ୍ତ ଅଭିଯାନରେ ଛାତ୍ରୀଛାତ୍ର


ଧୂଷୁରୀ ବଜାରରେ ସଫେଇ କାର୍ଯ୍ୟ ଚାଲିଛି।

**ଧାମନଗର, ୨୪।୧୧ (ଡି.ଏନ.ଏ.)**
ଧାମନଗର ବ୍ଲକ ଧୂଷୁରୀ ବଜାରରେ କାଳୀପୂଜା ପରେ ପଡ଼ିରହିଥିବା ବର୍ଜ୍ୟବସ୍ତୁକୁ ମୁରଲୀଧର ଉଚ୍ଚ ବିଦ୍ୟାଳୟର ଏନ୍‌ସିସି, ସ୍କାଉଟ ଗାଇଡ, ସବୁଜ ବାହିନୀ ତରଫରୁ ସଫେଇ କରାଯାଇଛି। ଶନିବାର ଛାତ୍ରୀଛାତ୍ର ପ୍ଲାଷ୍ଟିକମୁକ୍ତ ଅଭିଯାନରେ ବାହାରି ଧୂଷୁରୀ ବଜାର ଏବଂ ବାସନ୍ତୀ ପଡ଼ିଆରୁ କୁଢ଼ କୁଢ଼ ପଲିଥିନ ହଟାଇ ପରିଷ୍କାର କରିଥିଲେ। ହାଇସ୍କୁଲରୁ ଛାତ୍ରୀଛାତ୍ର ରାଲିରେ ବାହାରି ପ୍ଲାଷ୍ଟିକମୁକ୍ତ ଅଭିଯାନ ପାଇଁ ସ୍ଲୋଗାନମାନ ଦେଇ ବଜାର ପରିକ୍ରମା କରିଥିଲେ। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ହୋତା ଏହାର ନେତୃତ୍ୱ ନେଇଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରା, ଯୁଗସ୍ୱପ୍ନା ବେହେରା, ଅଳକା ମିଶ୍ର, ଶିକ୍ଷକ ଅଭୟ ବେହେରା, ଶିକ୍ଷା କର୍ମଚାରୀ ହରମୋହନ ଲେଙ୍କା ଓ କାର୍ତ୍ତିକ ଓଝା ପ୍ରମୁଖ ସହଯୋଗ କରିଥିଲେ।

## ଜନପରାମର୍ଶ ପଦଯାତ୍ରା

**ଭଦ୍ରକ ଅଫିସ, ୨୪।୧୧**
ଭଦ୍ରକ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଦାଣ୍ଡବାସୁଳୀ ମଣ୍ଡଳ ଅଧୀନ ବିଭିନ୍ନ ଗ୍ରାମରେ ଭାଜପା ପକ୍ଷରୁ ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦାଣ୍ଡବାସୁଳୀ ଠାକୁରାଣୀ ପୀଠରେ ପୂଜାର୍ଚ୍ଚନା କରାଯାଇ ପଦଯାତ୍ରା ଆରମ୍ଭ ହୋଇଥିଲା। ମଣ୍ଡଳ ସଭାପତି ଉତ୍ତମ କୁମାର ପାତ୍ର ସଂଯୋଜନା କରିଥିଲେ। ଭଦ୍ରକ ବିଧାନସଭା ନେତା ଡା. ପ୍ରଦୀପ ନାୟକଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ବିଭିନ୍ନ ଗ୍ରାମ ପରିକ୍ରମା କରି କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ପ୍ରତି ଗ୍ରାମରେ ଡା. ନାୟକଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। ରାହାଞ୍ଜୀ ପଞ୍ଚାୟତରେ ଅନୁରୂପ ପଦଯାତ୍ରା ହୋଇଥିଲା। ପୂର୍ବତନ ବ୍ଲକ ଅଧକ୍ଷ ଭାସ୍କର ସାହୁ, ବିଧାନସଭା ପ୍ରଭାରୀ ବିରେନ୍ଦ୍ର ଜେନା, ଜିଲା ଉପସଭାପତି ବିଦ୍ୟାଧର ସାହୁ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସପନ ଦାସ, ମଣ୍ଡଳ ସଭାପତି ଆଦିକନ୍ଦ ନାୟକ, ନାରାୟଣ ସେନାପତି, ପ୍ରଭାକର ସାମଲ, ମନସ୍ୱିତା ଖୁଣ୍ଟିଆ, ମଣ୍ଡଳ ସାଧାରଣ ସମ୍ପାଦକ ସୁଦର୍ଶନ ଲେଙ୍କା, ଦେବେନ୍ଦ୍ର ସେଠୀ, ଜଗନ୍ନାଥ କର, ବସନ୍ତ ପଣ୍ଡା ପ୍ରମୁଖ ଏଥିରେ ସାମିଲ ଥିଲେ।


ପଦଯାତ୍ରାରେ ଭାଜପା ନେତା ଓ କର୍ମୀ।

### ■ ଜିଲାସ୍ତରୀୟ ଜୟନ୍ତୀ ଉଦ୍‌ଯାପିତ

## ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ମହତାବ

**ବନ୍ତ, ୨୪।୧୧(ସ୍ୱ.ପ୍ର.)**
କେବଳ ଓଡ଼ିଶା ନୁହେଁ ସାରା ଦେଶରେ ଜଣେ ଶ୍ରେଷ୍ଠ ପ୍ରଶାସକ, ସାହିତ୍ୟିକ, ଲେଖକ, ରାଜନେତା ଭାବେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ନିଜର ପରିଚୟ ସୃଷ୍ଟି କରିପାରିଥିଲେ। ସେ ଥିଲେ ନବ ଉତ୍କଳର ନିର୍ମାତା। ଏଠାରେ ଅନୁଷ୍ଠିତ ୧୧୯ ତମ ଜିଲାସ୍ତରୀୟ ମହତାବ ଜୟନ୍ତୀର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ାସ୍ଥିତ ଐତିହାସିକ ଗାନ୍ଧୀ କର୍ମ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମହତାବ କମିଟି ସଭାପତି ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ କୁମାର ଦାଶ ସଭାପତିତ୍ୱ କରିଥିଲେ। ଭଦ୍ରକ ଏମ୍‌ପି ଅର୍ଜ୍ଜୁନ ଚରଣ ସେଠୀ ମୁଖ୍ୟଅତିଥି, ବିଜେଡି ମୁଖପାତ୍ର ସୁଲୋଚନା ଦାଶ ମୁଖ୍ୟବକ୍ତା ଓ ଜିଲା ପରିଷଦର ପୂର୍ବତନ ଅଧକ୍ଷ ଜଗନ୍ନାଥ ସ୍ୱାଇଁ, ବିଜେଡି ରାଜ୍ୟ ମହିଳା ସମ୍ପାଦିକା ଏଲିନା ଦାଶ, ସାମାଜିକ କର୍ମୀ ଶିବରାମ ଧଳ, ସାହିତ୍ୟିକ ଜଇନୁଲ ଆବେଦିନ, ସମିତିସଭ୍ୟ ଦିଲୀପ ପୁହାଣ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ପ୍ରଦ୍ୟୁମ୍ନ ପୁହାଣ ବିବରଣୀ ପାଠ କରିଥିଲେ। କମିଟି ଉପସଭାପତି ପ୍ରଫୁଲ୍ଲ କୁମାର ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ। ବିପିନ୍ଧୁଟିରେ ସଭାପତି ବିଶ୍ୱଜିତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଶିବରାମ ଧଳ, ପରିବେଶବିତ୍ ମହେନ୍ଦ୍ର ନାୟକ, ଶିକ୍ଷାବିତ୍ ଚନ୍ଦ୍ରମଣି ନାୟକ, ସିଆର୍‌ସିସି ପ୍ରଫୁଲ୍ଲ କୁମାର ଜେନା ଓ ରାଜ୍ୟସ୍ତରୀୟ ସୁରଭିକୁ ମନୋନୀତ ହୋଇଥିବା ଛାତ୍ରୀ ରଶ୍ମିରେଖା ସିଂହଙ୍କୁ ମାନପତ୍ର ଓ ଉପଢୌକନ ଦେଇ 'ମହତାବ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ଶେଷରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସମ୍ବଲପୁରୀ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ଉଦୟ ସାହୁ, ଦିବ୍ୟ ଆକାଶ ପୁହାଣ, ସୁଧୀରଞ୍ଜନ ରାଉତ, ମାଧବ ପୁହାଣ, ମାମୁନି ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସଙ୍ଗଠନ ସୁଦୃଢ଼ ପ୍ରତି ଗୁରୁତ୍ୱ

**ତିହିଡ଼ି, ୨୪।୧୧ (ଡି.ଏନ.ଏ.) –** ତିହିଡ଼ି ବ୍ଲକ ସିନ୍ଦୋଳ ପଞ୍ଚାୟତ ନୂଆପାଟଣା ଗ୍ରାମସ୍ଥିତ ଶାସନ ମହାଦେବ ମନ୍ଦିର ନିକଟରେ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବୈକୁଣ୍ଠ ପାଣି ପୌରୋହିତ୍ୟ କରିଥିଲେ। ଜିଲା ସାଧାରଣ ସମ୍ପାଦକ ବିଷ୍ଣୁବ୍ରତ ରାଉତରାୟ, ରଘୁନାଥ ପଣ୍ଡା, ସୁରେନ୍ଦ୍ର ନାୟକ, ହରିହର ସେନାପତି ପ୍ରମୁଖ ଯୋଗଦେଇ ସଙ୍ଗଠନକୁ ସୁଦୃଢ଼ କରିବାକୁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଯୁବନେତା ପ୍ରଦୀପ ଦାସ, ଜଗବନ୍ଧୁ ବାରିକ୍ ଓ କପିଳେନ୍ଦ୍ର ବାରିକଙ୍କ ନେତୃତ୍ୱରେ ସୁଧାକର ଜେନା ଓ ସୁବାସ ଜେନା ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ।

## ଆତ୍ମରକ୍ଷା ତାଲିମ

**ତିହିଡ଼ି, ୨୪।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡି ଯୁକ୍ତ ୨ କଲେଜରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ତିହିଡ଼ି ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ କଲେଜ ଅଧକ୍ଷ ଦୀନବନ୍ଧୁ ଗାହାଣଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ମୁଖ୍ୟଅତିଥି ଆଇଆଇସି ମିଶ୍ର ଆତ୍ମରକ୍ଷା ପାଇଁ ଦୃଢ଼ ମାନସିକତା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବାରିକ, ଅଧ୍ୟାପିକା ଉଷାରାଣୀ ଜେନା, କଲେଜର ବାଳିକା ଆତ୍ମରକ୍ଷା ସଂଯୋଜିକା ଜ୍ୟୋସ୍ନା ବିଶ୍ୱାଳ, ସରୋଜ ବାରିକ, ପ୍ରତାପ ସେନାପତି ପ୍ରମୁଖ ଯୋଗଦେଇ ଆତ୍ମରକ୍ଷାର ବିଭିନ୍ନ କୌଶଳ ଉପରେ ଆଲୋକପାତ କରିଥିଲେ। ଶିବିରରେ ୩ଶହ ବାଳିକାଙ୍କୁ ତାଲିମ ଦିଆଯିବ। ଏହି ଶିବିର ୧୦ଦିନ ଧରି ଅନୁଷ୍ଠିତ ହେବ।

## ମୟୂରଭଞ୍ଜ

### ହକି ବିଶ୍ୱ କପ ଲାଗି ବଢୁଛି ଉତ୍ସାହ

**ବାରିପଦା ଅଫିସ,୨୪।୧୧:** ଆସନ୍ତା ୨୮ରୁ ଡିସେମ୍ବର ୧୬ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଛି ହକି ବିଶ୍ୱକପ ପ୍ରତିଯୋଗିତା। ଏନେଇ ଲୋକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ନିମନ୍ତେ ଗ୍ରାମପଞ୍ଚାୟତ ସ୍ତରରୁ ଜିଲା ପର୍ଯ୍ୟନ୍ତ ବିଭିନ୍ନ କ୍ରୀଡା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସଚେତନତା ସୃଷ୍ଟି କରାଯାଉଛି। ମୟୂରଭଞ୍ଜ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଜିଲାପାଳ ବିନିତ ଭରଦ୍ୱାଜଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମପଞ୍ଚାୟତ, ବ୍ଲକ, ଉପଖଣ୍ଡ ଓ ଜିଲା ସ୍ତରରେ ବିଶ୍ୱ ହକି କ୍ରୀଡାର ବହୁଳ ପ୍ରଚାର ପ୍ରସାର ସହିତ ସଚେତନତା ସୃଷ୍ଟି ନିମନ୍ତେ ଆଲୋଚନା ହୋଇଥିଲା। ଆସନ୍ତା ୨୫ତାରିଖରେ ଗଣଦୌଡ କାର୍ଯ୍ୟକ୍ରମ ସମ୍ପୃକ୍ତ ପଞ୍ଚାୟତ ଅଧିକାରୀ, ବିଡ଼ିଓ, ଉପଜିଲାପାଳ, ପିଡ଼ିଡିଆରଡିଏଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଏହି ଗଣଦୌଡରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ତେବେ ବିଶ୍ୱ କପ ହକି ଉଦ୍‌ଘାଟନ ଅବସରରେ ପ୍ରତ୍ୟେକ ଗ୍ରାମାଞ୍ଚଳ,ବ୍ଲକ,ଉପଖଣ୍ଡ ଏବଂ ଜିଲାସ୍ତରରେ ଏଲଇଡି ଟିଭି ପ୍ରୋଜେକ୍ଟ ମାଧମରେ ଜନସାଧାରଣଙ୍କୁ ସିଧାପ୍ରସାରଣ କରାଯିବ ବୋଲି ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଆବୋଲୀ ନରଭାଣେ, ପିଡ଼ି ଡିଆରଡିଏ ତୁଷାରକାନ୍ତି ମହାନ୍ତ, ଉପଜିଲାପାଳ, ବିଡିଓ ଏବଂ ସମ୍ପୃକ୍ତ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।

### ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଭଞ୍ଜକିଆ,୨୪।୧୧:** ରରୁଆଁ ବ୍ଲକ ଅଧୀନ ମାମୁରିପାଣି ମିନି ଷ୍ଟାଡିୟମରେ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩୨ ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ କୁଲୁଗୁଟୁ ଓ ଏମଏସସି ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ୧-୦ ଗୋଲରେ ଟାଇବ୍ରେକରରେ କୁଲୁଗୁଟୁ ଚାମ୍ପିୟନ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଝାଡଖଣ୍ଡର ସାଂସଦ ଅଞ୍ଜଳି ସାରେନ,ସମ୍ମାନିତ ଅତିଥିମାନେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗୋଲକ ବିହାରୀ ନାୟକ, ସରପଞ୍ଚ ମିନୁ ଚାତାର ଉପସ୍ଥିତ ଥିଲେ।

## ବହଳଦାରେ ହାତୀ ଆତଙ୍କ

**ବହଳଦା,୨୪।୧୧(ଡି.ଏନ.ଏ)**

ବହଳଦା ବ୍ଲକ ଅଧୀନ ବଡପଳସା ପଞ୍ଚାୟତର ବାଗେଡିହି, ବାଡେପଟକା, ବୁରୁପଳସା, ଦୁମାଡାଣ୍ଡି, ପଟମବେଡା ପରି ପାହାଡତଳି ଅଞ୍ଚଳରେ ଝାଡଖଣ୍ଡ ହାତୀପଲ ଆତଙ୍କ ଚଳାଇଛନ୍ତି। ପ୍ରାୟ ୭ଟି ହାତୀ କିଛିଦିନ ହେଲା ଜଙ୍ଗଲ ତଳି ଅଞ୍ଚଳରେ ବୁଲାବୁଲି କରୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଚାଷଜମିରେ ପାଚିଲା ଧାନ ଥିବାରୁ ଏହାକୁ ଖାଇବା ପାଇଁ ହାତୀପଲ ଆସିଛନ୍ତି। ଗୁରୁବାର ଓ ଶୁକ୍ରବାର ରାତିରେ ହାତୀପଲ କିଛି ଅଞ୍ଚଳରେ ପାଚିଲା ଧାନ ଖାଇଦେବା ସହ ଜମିରେ ପଶି ଫସଲ ନଷ୍ଟ କରୁଛନ୍ତି। କେତେକ ଲୋକ ହାତୀ କବଳରୁ ଫସଲକୁ ରକ୍ଷା କରିବା ପାଇଁ ଗଛ ଉପରେ ମଞ୍ଚା ବାନ୍ଧି ରାତି ଯାକ ଜଗି ରହୁଛନ୍ତି। ଅନ୍ୟ ପଟେ ସ୍ଥାନୀୟ ନେସ୍କୋ କର୍ତ୍ତୃପକ୍ଷ ପ୍ରାୟ ସପ୍ତାହେ ହେଲାଣି ବାଗେଡିହି, ବୁରୁପଳସା ଅଞ୍ଚଳରେ ସମ୍ପୂର୍ଣ୍ଣ ବିଦ୍ୟୁତ୍ କାଟ୍ କରିଛନ୍ତି। ଫଳରେ ଭୟ ଆଶଙ୍କା ଭିତରେ ଲୋକେ ରହୁଛନ୍ତି। ବିଦ୍ୟୁତ୍ ସେବା ବନ୍ଦ ଯୋଗୁ ଲୋକେ ମୋବାଇଲ ଚାର୍ଜ କରିପାରୁ ନାହାନ୍ତି।

ଫଳରେ ଜରୁରୀ ସମୟରେ ବି କାହାସହ ଫୋନରେ ଯୋଗାଯୋଗ ବି କରିପାରୁ ନାହାନ୍ତି। ଏହା ସହ ରାତିରେ ପିଲାଙ୍କର ପାଠପଢା ବନ୍ଦ ରହୁଛି। ସନ୍ଧ୍ୟା ହେଲେ ସମସ୍ତଙ୍କ ଘର ତାଟିକବାଟ ବନ୍ଦ ହୋଇଯାଉଛି। ବନ ବିଭାଗ ହାତୀଙ୍କର ଗତିବିଧିକୁ ନଜର ଦେଇ ସେମାନଙ୍କୁ ଘଉଡେଇବା ପାଇଁ ପଦେକ୍ଷପ ନେବାକୁ ସାଧାରଣରେ ଦାବି ହେଉଛି।


ହାତୀ କବଳରୁ ଧାନବିଲ ରକ୍ଷା କରିବା ପାଇଁ ଜଣେ ବ୍ୟକ୍ତି ମଞ୍ଚାରୁ ନଜର ରଖିଛନ୍ତି।

### ■ ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ

## ସୁନାକଣିଆ ଦଳ ଚାମ୍ପିୟନ

**ବଡ଼ସାହି, ୨୪।୧୧(ସ୍ୱ.ପ୍ର)**

ବଡ଼ସାହି ବ୍ଲକ ଅଧୀନ ନୂଆହାଟ ବିର୍ସାମୁଣ୍ଡା ଖେଳପଡ଼ିଆଠାରେ ମହାତ୍ମା ଗାନ୍ଧୀ କପ୍ ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ପ୍ରତାପ ଚନ୍ଦ୍ର ଗାୟାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାକୁ ରେମୁଣା ବିଧାୟକ ସୁଦର୍ଶନ ଦାସ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ୮ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ଖେଳ ପଶ୍ଚିମବଙ୍ଗର ସୁନାକଣିଆ ଦଳ ଓ ବାରିପଦା ଶଙ୍ଖାଭଙ୍ଗା ଦଳ ମଧ୍ୟରେ ହୋଇଥିଲା। ଟାଇବ୍ରେକର ଜରିଆରେ ୩-୨ଗୋଲରେ ସୁନାକଣିଆ ଦଳ ବିଜୟୀ ହୋଇ ଚଳିତବର୍ଷର ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର, ବରିଷ୍ଠ କଂଗ୍ରେସ ନେତା କୈଳାସ ଚନ୍ଦ୍ର ଅଗ୍ରୱାଲା, ଇଂ ସଞ୍ଜୟ କୁମାର ବେହେରା, ସରପଞ୍ଚ ରୀନା ସିଂ ପ୍ରମୁଖ ଯୋଗଦେଇଥିଲେ।


ଫାଇନାଲ ମ୍ୟାଚର ଦୁଇ ଦଳର ଖେଳାଳିଙ୍କ ସହ ଅତିଥି

### ରାଜ୍ୟସ୍ତରୀୟ ନାଟକରେ ଛାତ୍ରୀଙ୍କ ସଫଳତା



**ବାରିପଦା ଅଫିସ,୨୪।୧୧**
ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ମହାରାଣୀ ତକତ କୁମାରୀ ସରକାରୀ ଉପ୍ରା କସ୍ତୁରବା ଗାନ୍ଧୀ ବିଦ୍ୟାଳୟର ବାଳିକାମାନେ ସଫଳତା ହାସଲ କରିଛନ୍ତି। ଭବାନୀପାଟଣାସ୍ଥିତ ସଙ୍ଗମ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଲେଖକ କଳା ପରିଷଦଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ମହୋତ୍ସବ ଗତ ୧୯ତାରିଖରେ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଡାହାଣୀ' ସମସ୍ତଙ୍କ ମନକୁ ଛୁଇଁ ପାରିଥିଲା। ମୟୂରଭଞ୍ଜ ଜିଲାର କଳା, ସଂସ୍କୃତିର ଉତ୍କର୍ଷତା ପ୍ରତିପାଦନ କରିବା ସହ ୫ଜଣ ଛାତ୍ରୀ ପୁରସ୍କୃତ ହୋଇଛନ୍ତି। ସେମାନେ ହେଲେ ଛାତ୍ରୀ ଆୟୁଷା ସାହୁ,ପାନୀ ବାସ୍କେ, ରେଖା ପାତ୍ର। ୩ୟ ଶ୍ରେଷ୍ଠ ପ୍ରଯୋଜକ ଭାବେ ତକତ କୁମାରୀ ଉପ୍ରା ବିଦ୍ୟାଳୟ ପାଇଥିବା ବେଳେ ଶ୍ରେଷ୍ଠ ନାଟ୍ୟକାର ଭାବେ ବିଦ୍ୟାଳୟର କମଳ ଲୋଚନ ସାହୁ ୩ୟ ସ୍ଥାନ ଅଧିକାର କରିଛନ୍ତି।

### ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଘାଟିତ

**ବଡ଼ସାହି,୨୪।୧୧(ସ୍ୱ.ପ୍ର)**

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ମାଣତ୍ରୀଠାରେ ଜିଲାସ୍ତରୀୟ ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସଂଘ ସଭାପତି ଜ୍ୟୋତିପ୍ରକାଶ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ଇଂ ରବୀନ୍ଦ୍ର କୁମାର ଜେନା, ମୁଖ୍ୟବକ୍ତା ଭାବେ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର ଓ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ସିଂ ଯୋଗ ଦେଇଥିଲେ। ମୟୂରଭଞ୍ଜ ଜିଲାର ସର୍ବପୁରାତନ ଜିଲାସ୍ତରୀୟ ବୋଇତ ବନ୍ଦାଣ ମହୋତ୍ସବ ଓଡ଼ିଆ ଜାତିର ଐତିହ୍ୟ, ସଂସ୍କୃତି ଓ ମୌଳିକତାକୁ ବଞ୍ଚାଇବା ସାଙ୍ଗକୁ ନୂତନ ପ୍ରତିଭାଙ୍କୁ ଏକ ମଞ୍ଚ ପ୍ରଦାନ କରି ପରିଚୟ ସୃଷ୍ଟି କରିଥିବାରୁ ସାଧୁବାଦ ଜଣାଇଥିଲେ। ତିନି ଦିନ ଧରି ଚାଲିବାକୁ ଥିବା କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ଜୁନିୟର ଓ ସିନିୟର ବିଭାଗର ସୋଲ ଓ ଗ୍ରୁପ ଡ୍ୟାନ୍ସରେ ବିଭିନ୍ନ ସ୍କୁଲର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ଦୈତ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ମଞ୍ଚସ୍ଥ ହୋଇଛି। କାର୍ଯ୍ୟକ୍ରମ ଆରମ୍ଭରେ ବଡ଼ସାହି ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ।

## ମାରପିଟ ଘଟଣାର ବିବାଦୀୟ ମୋଡ଼

### ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ



କପ୍ତିପଦା ଥାନା ସମ୍ମୁଖରେ ଶାଳଚୁଆ ଗ୍ରାମର ମହିଳାମାନେ ବିକ୍ଷୋଭ କରୁଛନ୍ତି।

**କପ୍ତିପଦା,୨୪।୧୧(ଡ଼ି.ଏନ୍.ଏ)**
ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଶାଳଚୁଆ ଗ୍ରାମରେ ଶୁକ୍ରବାର ରାତିରେ ଘଟିଥିବା ମାରପିଟ ଘଟଣା ବିବାଦୀୟ ରୂପ ନେଇଛି। ଏହି ଗ୍ରାମର ହେମନ୍ତ କୁମାର ବେହେରା ନାମକ ଜଣେ ଯୁବକଙ୍କୁ ୩ ଜଣ ଯୁବକ ସଂଘବଦ୍ଧ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଆହତ ଯୁବକଙ୍କୁ ଚିକିତ୍ସା କରାଇ ଏକ ମାମଲା (ନଂ ୧୩୪/୧୮) ରୁଜୁ କରିଥିଲା। ପରେ ବିଳମ୍ବିତ ରାତିରେ ପୋଲିସ ଗାଁ ଉପରେ ଚଡାଉ କରି ୨ ଅଭିଯୁକ୍ତଙ୍କୁ ଥାନାକୁ ଉଠାଇ ଆଣିଥିଲା। ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ପୋଲିସ ନ ପାଇ ତାଙ୍କ ପରିବାରବର୍ଗଙ୍କୁ ଖରାପ ବ୍ୟବହାର କରିଥିବା ଅଭିଯୋଗ ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଘଟଣାର ତଦନ୍ତ ଠିକ୍ ଭାବେ ନ କରି ରାତି ଅଧରେ ଏଭଳି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ସେମାନେ ଏହାର ପ୍ରତିବାଦ ଜଣାଇ ଶନିବାର ପ୍ରଥମେ ଉଦଳା ଏସଡିପିଓଙ୍କୁ ଭେଟି ଅଭିଯୋଗ କରିବା ପରେ ଥାନାକୁ ଯାଇ ପ୍ରତିବାଦ ଜଣାଇଥିଲେ। ଗଣ୍ଡଗୋଳ ଘଟଣା ନେଇ ଯେଉଁ ୩ଜଣଙ୍କ ନାଁରେ ଅଭିଯୋଗ ହୋଇଛି ସେମାନେ ଏଥିରେ ସମ୍ପୃକ୍ତ ନ ଥିବା ଗ୍ରାମବାସୀ ଦର୍ଶାଇଥିଲେ। ଏ ସମ୍ପର୍କରେ କପ୍ତିପଦା ଥାନାଧିକାରୀ ରୀନା ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଯେଉଁମାନଙ୍କ ବିରୋଧରେ ଅଭିଯୋଗ ହୋଇଥିଲା, ସେମାନଙ୍କୁ ଥାନାକୁ ଅଣାଯାଇ ପଚରାଉଚରା ପରେ ନୋଟିସ ଦେଇ ଛଡାଯାଇଛି। ଗଣ୍ଡଗୋଳ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ମୃତକଙ୍କ ନାମରେ ଅର୍ଥ ହଡ଼ପ

- ■ ଏମ୍‌ଜିଏନଆରଇଜିଏସ୍ ମଷ୍ଟର ରୋଲ୍‌ରେ ଜାଲିଆତି
- ■ ଜିଲାପାଳ, ବିଡିଓଙ୍କ ନିକଟରେ ଅଭିଯୋଗ କଲେ ମହିଳା

**କପ୍ତିପଦା,୨୪।୧୧(ଡ଼ି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍‌ରେ ଏମଜିଏନଆରଇଜିଏସ୍‌ରେ ହୋଇଥିବା ରାସ୍ତା କାମରେ ବିଭିନ୍ନ ଅନିୟମିତତା ପଦାକୁ ଆସିବାରେ ଲାଗିଛି। ମିଥ୍ୟା ମଷ୍ଟରରୋଲ ପ୍ରସ୍ତୁତ କରି ମୃତକଙ୍କ ନାମରେ ଅର୍ଥ ହଡପ ଏବଂ ଶ୍ରମିକ ବଦଳରେ ମେଶିନ ସାହାଯ୍ୟରେ କାମ କରାଯିବା ଭଳି ବିଭିନ୍ନ ଅଭିଯୋଗ ହୋଇ ଆସୁଛି। ଗତ ଗୁରୁବାର ରାମଚନ୍ଦ୍ରପୁର ପଞ୍ଚାୟତର ଜଣେ ମହିଳା ତାଙ୍କ ମୃତ ସ୍ୱାମୀଙ୍କ ନାମରେ ମଷ୍ଟର ରୋଲ ପ୍ରସ୍ତୁତ କରି ମିଥ୍ୟା ବିଲ୍ ଉଠାଯାଇଥିବା ନେଇ ଜିଲାପାଳ ଏବଂ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ଘଟଣା ପ୍ରଶାସନକୁ ଅଧିକ ଅଡୁଆରେ ପକାଇଛି।

ଏହି ମହିଳା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ସ୍ୱାମୀଙ୍କର ୨୦୦୭ ମେ ୨୮ ତାରିଖରେ ମୃତ୍ୟୁ ଘଟିଛି। କିନ୍ତୁ ଜବ୍‌କାର୍ଡ଼ରେ ତାଙ୍କ ସ୍ୱାମୀ ୨୦୦୯ ଫେବୃୟାରୀ ୯ରୁ ମାର୍ଚ୍ଚ ୨୧ତାରିଖ ପର୍ଯ୍ୟନ୍ତ ୫୨ଦିନର କାର୍ଯ୍ୟ କରିଥିବା ଦର୍ଶାଯାଇଛି। ଏହି କାର୍ଯ୍ୟ ବାବଦରେ ତାଙ୍କ ସ୍ୱାମୀଙ୍କ ନାମରେ ଏକ ଜାଲ ଆକାଉଣ୍ଟ ଖୋଲି ୯ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟାଙ୍କରୁ ଉଠାଯାଇଥିବା ଜାଣିବା ପରେ ସେ ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଛନ୍ତି। ଏଭଳି ଅଭିଯୋଗ ସମ୍ପର୍କରେ କପ୍ତିପଦା ବିଡିଓଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



"ପାର୍ଲାମେଣ୍ଟ ଅଧିବେଶନରେ ବାରମ୍ବାର ସୃଷ୍ଟି ହେଉଥିବା ବ୍ୟାଘାତକୁ ନେଇ ରାଜନୈତିକ ଦଳ ଏବଂ ଏମ୍‌ପିମାନେ ଆତ୍ମସମୀକ୍ଷା କରନ୍ତୁ। ସେମାନେ ସଂସଦୀୟ ଗଣତନ୍ତ୍ରର ପରମ୍ପରା ଓ ମୂଲ୍ୟବୋଧକୁ ସମ୍ମାନ ଦିଅନ୍ତୁ।"
–ଏମ୍.ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

## ସଂକ୍ଷେପରେ

### ଭାରତ-ଚାଇନା ସୀମା ଆଲୋଚନାରେ ଡୋଭାଲ, ୱାଙ୍ଗ୍



**ବେଜିଂ,୨୪।୧୧(ପି.ଟି.):** ଡୋକ୍‌ଲାମ୍ ଝଡ଼ ସାମାନ୍ୟ ଥମିବା ପରେ ଏବେ ଭାରତ ଏବଂ ଚାଇନା ସମ୍ପର୍କ ଏକ ନୂଆ ମୋଡ଼ ନେଇଛି। ଗୋଟିଏ ପଟେ ସୀମା ବିବାଦର ସମ୍ପୂର୍ଣ୍ଣ ସମାଧାନ ହୋଇ ନ ଥିବାବେଳେ ଅନ୍ୟପଟେ କୂଟନୈତିକ ସ୍ତରରେ ନୂଆଦିଲ୍ଲୀକୁ ଚ୍ୟାଲେଞ୍ଜ କରୁଛି ବେଜିଂ। ଈର୍ଷାନ୍ୱିତ କରାଇବା ପାଇଁ ଏହା ପାକିସ୍ତାନ ସହ ବନ୍ଧୁତା ବଢ଼ାଉଛି। ଏସବୁ ଘଟଣାକ୍ରମ ସତ୍ତ୍ୱେ ଶନିବାର ଚାଇନାର ସିଚୁଆନ୍ ପ୍ରଦେଶସ୍ଥିତ ଦୁଜିଆଙ୍ଗ୍‌ୟାନ୍ ସହରରେ ଦୁଇଦେଶ ମଧ୍ୟରେ ବୈଠକ ହୋଇଛି। ଜାତୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଏବଂ ଚାଇନା ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟି ଆଲୋଚନା ଟେବୁଲରେ ବସି ସୀମା ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଛନ୍ତି।

### ଇତିହାସର ଆଇନାରେ

### ନଭେମ୍ବର ୨୫ର ପ୍ରମୁଖ ଘଟଣା

୧୮୩୯ ନଭେମ୍ବର ୨୫ରେ ଆନ୍ଧ୍ରପ୍ରଦେଶର ଗୋଦାବରୀ ନଦୀ କୂଳରେ ଥିବା ବନ୍ଦରନଗରୀ କୋରିଙ୍ଗାଠାରେ ଭୟଙ୍କର ବାତ୍ୟା ମାଡ଼ ହୋଇଥିଲା। ଭାରତର ଦକ୍ଷିଣ-ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳରେ ଏହା ଧ୍ୱଂସର ଲୀଳା ରଚିଥିଲା। ବାତ୍ୟା ପ୍ରଭାବରେ ୩ ଲକ୍ଷ ଲୋକ ପ୍ରାଣ ହରାଇଥିବାବେଳେ କୋରିଙ୍ଗା ପ୍ରାୟ ଜନଶୂନ୍ୟ ହୋଇଯାଇଥିଲା।

୧୯୬୬ ନଭେମ୍ବର ୨୫ରେ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ପ୍ରଥମ ଐତିହାସିକ ସାଟେଲାଇଟ୍ ଟିଭି ପ୍ରସାରଣ ଆରମ୍ଭ ହୋଇଥିଲା।

## ■ ରାମମନ୍ଦିର ନିର୍ମାଣ ନେଇ ଚାପ: ଅଯୋଧ୍ୟାରେ ଉଦ୍ଧବ

# ଭୋଟ ଛଡ଼ାଇବାକୁ ଉଦ୍ୟମ

**ଅଯୋଧ୍ୟା,୨୪।୧୧(ପି.ଟି.)**

ଉତ୍ତରପ୍ରଦେଶର ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଲାଗି ଜୋର୍ ଧରୁଛି ଦାବି। ଏନେଇ ଅଧ୍ୟାଦେଶ ଆଣିବାକୁ ଦାବି ହେଉଥିଲେ ମଧ୍ୟ କର୍ଣ୍ଣପାତ କରୁନାହିଁ ଭାରତୀୟ ଜନତା ପାର୍ଟି (ଭାଜପା)। ଏତିକିବେଳେ ଏହାର ତଥାକଥିତ ସହଯୋଗୀ ଦଳ ଶିବସେନା ଚଳାଇଛି ଗୋଟି। ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ହଜାର ହଜାର ଦଳୀୟ ସମର୍ଥକଙ୍କ ସହ ଶନିବାର ଅଯୋଧ୍ୟା ଗସ୍ତ କରିଛନ୍ତି। ନରେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇ ସେ କହିଛନ୍ତି, କୁମ୍ଭକର୍ଣ୍ଣ ନିଦରୁ ଉଠି କେନ୍ଦ୍ର ରାମ ମନ୍ଦିର ନିର୍ମାଣ ତାରିଖ ଘୋଷଣା କରୁ। ପରିବାର ସହ ଉଦ୍ଧବଙ୍କ ଏହି ଦୁଇ ଦିନିଆ ଅଯୋଧ୍ୟା ଯାତ୍ରା ଭାଜପା ପାଇଁ ସୃଷ୍ଟି କରିଛି ଅଡୁଆ। ଆଗାମୀ ନିର୍ବାଚନରେ ଭୋଟ ଛଡ଼ାଇନେବା ପାଇଁ ଶିବସେନା ମୁଖ୍ୟ ବଡ଼ ଖେଳ ଖେଳୁଥିବା କୁହାଯାଉଛି।

ନିର୍ବାଚନ ପାଖେଇ ଆସିଲେ ସବୁଥର ଆଗ ଉଠେ ଅଯୋଧ୍ୟା ପ୍ରସଙ୍ଗ। ରାମ ମନ୍ଦିର ନିର୍ମାଣ ଲାଗି ବଡ଼ ବଡ଼ ପ୍ରତିଶ୍ରୁତି ଦିଏ ଭାଜପା। ନିର୍ବାଚନ ଶେଷ ହେବା ପରେ ସେ କଥା ପାଣିର ଗାର ଭଳି ହୋଇଯାଏ। ଏଥର ସଂଯୋଗବଶତଃ ଉଭୟ ଉତ୍ତରପ୍ରଦେଶ ଏବଂ କେନ୍ଦ୍ରରେ କ୍ଷମତାସୀନ ରହିଛି ଭାଜପା। ତଥାପି ରାମ ମନ୍ଦିର ନିର୍ମାଣ ପାଇଁ କିଛି ସିଦ୍ଧାନ୍ତ କରିପାରୁ ନାହିଁ ଗୈରିକ ଦଳ। ତେଣୁ କେନ୍ଦ୍ରକୁ ତୁରନ୍ତ ନିଷ୍ପତ୍ତି ନେବା ଏକପ୍ରକାର ବାଧ୍ୟ କରିଦେବାକୁ ହିନ୍ଦୁତ୍ୱବାଦୀ ସଙ୍ଗଠନ ଅଣ୍ଟା ଭିଡ଼ିଛନ୍ତି। ରବିବାର ଭିଏଚ୍‌ପି ପକ୍ଷରୁ ବଡ଼ ର୍‌ୟାଲି ହେବାକୁ ଯାଉଛି। ଏହାର ଦିନକ ପୂର୍ବରୁ ଶିବସେନା ସୁପ୍ରିମୋ ଉଦ୍ଧବ ଅଯୋଧ୍ୟାରେ ନିଜ ଉପସ୍ଥିତି ଜାହିର କରିଛନ୍ତି। ସ୍ତ୍ରୀ ରଶ୍ମି ଏବଂ ପୁଅ ଆଦିତ୍ୟଙ୍କ ସହ ଅଯୋଧ୍ୟାରେ ପହଞ୍ଚିବା ପରେ ସେ ମୋଦି ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଦିନ, ମାସ ଏବଂ ପିଢି ପରେ ପିଢି ଗଡ଼ିଚାଲିଛି। କିନ୍ତୁ ରାମ ମନ୍ଦିର ନିର୍ମାଣ ହୋଇପାରିଲା ନାହିଁ। ଏହାକୁ ସାକାର କରିବା ପାଇଁ ସରକାର ଯଥାଶୀଘ୍ର ଅଧ୍ୟାଦେଶ ଆଣନ୍ତୁ ବୋଲି ସେ କହିଛନ୍ତି।

ମୋଦି ଓ ତାଙ୍କ ସରକାରକୁ ଉଦ୍ଧବ ରାମାୟଣ ଚରିତ୍ର କୁମ୍ଭକର୍ଣ୍ଣ ସହିତ ତୁଳନା କରିଛନ୍ତି, ଯିଏକି ମାସ ମାସ କାଳ ଶୋଇରହନ୍ତି। ଏହି ପରିପ୍ରେକ୍ଷୀରେ ଉଦ୍ଧବ କହିଛନ୍ତି, କୁମ୍ଭକର୍ଣ୍ଣଙ୍କୁ ନିଦରୁ ଉଠାଇବାକୁ ସେ ଅଯୋଧ୍ୟା ଯାଇଛନ୍ତି। ତେବେ ରାମ ମନ୍ଦିର ଏକ ବିଶ୍ୱାସର ବିଷୟବସ୍ତୁ ହୋଇଥିବାରୁ ସୁପ୍ରିମକୋର୍ଟଙ୍କ ରାୟ ଆସିବା ପୂର୍ବରୁ କେନ୍ଦ୍ର ଆଇନ ଆଣିବା ଜରୁରୀ ବୋଲି ଶିବସେନା ମୁଖ୍ୟ ମତବ୍ୟକ୍ତ କରିଛନ୍ତି। ଲକ୍ଷ୍ମଣ କିଲ୍ଲାରେ ବିସ୍ଫୋରକ କଥା କହିବା ପରେ ସନ୍ଧ୍ୟାରେ ସେ ସରଯୂ ନଦୀକୂଳରେ ପୂଜାର୍ଚ୍ଚନା କରିଥିଲେ। ମହାରାଷ୍ଟ୍ରରୁ ଦୁଇଟି ଟ୍ରେନ୍‌ରେ ପ୍ରାୟ ୩,୦୦୦ ଶିବସେନା କର୍ମୀ ଅଯୋଧ୍ୟା ଯାଇଥିବା ଜଣାପଡ଼ିଛି। ପୁଣେରେ ଶିବନେରି ଦୁର୍ଗରୁ ଉଦ୍ଧବ ଏକ ପାତ୍ର ସାଙ୍ଗରେ ନେଇଯାଇଛନ୍ତି। ସେଥିରେ ମାଟି ରହିଛି। ରାମଲାଲ୍ଲା ମନ୍ଦିର ପୂଜକଙ୍କୁ ଭେଟିବା ପରେ ସେ ଏହାକୁ ହସ୍ତାନ୍ତର କରିବେ ବୋଲି ଜଣାପଡ଼ିଛି।

ରାଜନୈତିକ ଉଦ୍ଦେଶ୍ୟ ରଖି ଉଦ୍ଧବ ଅଯୋଧ୍ୟା ଗସ୍ତ କରିଥିବା କୁହାଯାଉଛି। କିନ୍ତୁ ଏହାକୁ ସେ ଖଣ୍ଡନ କରିଛନ୍ତି। ତେବେ ସେ ଯେତେ ଯାହା କହିଲେ ସୁଦ୍ଧା, ଏସବୁ ପଛରେ ଏକ ବୃହତ୍ ରାଜନୈତିକ ସମୀକରଣ ପରିଲକ୍ଷିତ ହେଉଛି। ମହାରାଷ୍ଟ୍ର ଏବଂ କେନ୍ଦ୍ରରେ ଭାଜପା ସହ ମେଣ୍ଟରେ ଥିଲେ ସୁଦ୍ଧା ଶିବସେନାର ପ୍ରଭାବ ସେତେଟା ନାହିଁ। ତେଣୁ ଉତ୍ତରପ୍ରଦେଶରେ ହିନ୍ଦୁ ଭୋଟରଙ୍କୁ ନିଜ ସପକ୍ଷକୁ ନେଇ ମହାରାଷ୍ଟ୍ରରେ ଭାଜପା ସହ ମୂଲଚାଲ କରିବା ଉଦ୍ଧବଙ୍କ ଲକ୍ଷ୍ୟ। ତାଙ୍କ ଯୋଜନା ଫଳବତୀ ହେଲେ ଭାଜପା ବାଧ୍ୟହୋଇ ମୁଣ୍ଡ ନୁଆଇବାକୁ ବାଧ୍ୟ ହେବ। କାହିଁକିନା ୨୦୧୯ ନିର୍ବାଚନ ଜିତିବାକୁ ହେଲେ ଉତ୍ତରପ୍ରଦେଶ ଦୁର୍ଗରେ ଅଧିକ ଆସନ ହାତେଇବା ଏହା ପାଇଁ ନିତାନ୍ତ ଆବଶ୍ୟକ। ଯଦି ଉଦ୍ଧବଙ୍କୁ ଏହା ରୋକି ନ ପାରିବ, ତା'ହେଲେ ଭାଜପା ସପକ୍ଷରେ ଥିବା ହିନ୍ଦୁ ଭୋଟ ବିଭାଜନ ହେବ। ଏସବୁର ଫାଇଦା ନେବେ ଏସ୍‌ପି, ବିଏସ୍‌ପି ଓ କଂଗ୍ରେସ। ତେଣୁ ଉଦ୍ଧବଙ୍କ ସଦ୍ୟ ଗୋଟିଚାଳନାର ପ୍ରଭାବ ସୁଦୂରପ୍ରସାରୀ କହିଲେ ଅତ୍ୟୁକ୍ତି ହେବ ନାହିଁ।



**'କୁମ୍ଭକର୍ଣ୍ଣ ନିଦରୁ ଉଠ, ମନ୍ଦିର ନିର୍ମାଣ ତାରିଖ ଘୋଷଣା କର'**

## 'ଧର୍ମସଭା' ପାଇଁ ପୋଲିସ ଛାଉଣୀ

**ଅଯୋଧ୍ୟା,୨୪।୧୧(ପି.ଟି.):** ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଦାବିନେଇ ରବିବାର ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ 'ଧର୍ମସଭା ଅନୁଷ୍ଠିତ ହେବ। ଏଥିପାଇଁ ଦିନକ ପୂର୍ବରୁ ଅଯୋଧ୍ୟା ପାଲଟିଛି ଲୋକାରଣ୍ୟ। ଗଣ୍ଡଗୋଳ ହେବା ଆଶଙ୍କା କରି ସମଗ୍ର ଅଞ୍ଚଳରେ ସୁରକ୍ଷା ଛାଉଣୀ କରାଯାଇଛି। ତେବେ ସହରରେ ଏତେବଡ଼ ରାଲି ଆୟୋଜନ କରିବାର କ'ଣ ଆବଶ୍ୟକ ବୋଲି ଅଯୋଧ୍ୟା ମାମଲାର ଆବେଦନକାରୀ ଇକବାଲ ଅନ୍‌ସାରୀ ପ୍ରଶ୍ନ କରିଛନ୍ତି।

"ଭିଏଚ୍‌ପିର 'ଧର୍ମସଭା'ରେ ଯୋଗଦେବା ଲାଗି ହଜାର ହଜାର ଲୋକ ଅଯୋଧ୍ୟାକୁ ଛୁଟିଆସିଲେଣି। ସୁରକ୍ଷା କଡ଼ାକଡ଼ି କରିବା ପାଇଁ ଆବଶ୍ୟକ ପଡ଼ିଲେ ସେନା ମଧ୍ୟ ମୁତୟନ କରାଯାଉ।"
–ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ



## ସନାତନ ସଂସ୍ଥାର ସଦସ୍ୟ

# ଗୌରୀଙ୍କ ହତ୍ୟାକାରୀ

**ବେଙ୍ଗାଲୁରୁ,୨୪।୧୧(ପି.ଟି.)**

ହିନ୍ଦୁ ସଂଗଠନ ସନାତନ ସଂସ୍ଥାର ସଦସ୍ୟମାନେ ସାମ୍ବାଦିକା ତଥା ସମାଜକର୍ମୀ ଗୌରୀ ଲଙ୍କେଶଙ୍କୁ ଗୁଳିକରି ହତ୍ୟା କରିଥିଲେ। ଉକ୍ତ ଘଟଣାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) କୋର୍ଟରେ ଦାଖଲ କରିଥିବା ୯୨୩୫ ପୃଷ୍ଠାର ଅତିରିକ୍ତ ଚାର୍ଜଶିଟରେ ଏହା ଉଲ୍ଲେଖ କରାଯାଇଛି। ହତ୍ୟାକାଣ୍ଡ ପଛରେ କୌଣସି ବ୍ୟକ୍ତିଗତ କାରଣ କିମ୍ବା ଶତ୍ରୁତା ନଥିଲା। ସେ ଭିନ୍ନ ମତବାଦରେ ବିଶ୍ୱାସ କରୁଥିବାରୁ ଏବଂ ତାହା ଉପରେ ଲେଖାଲେଖି କରୁଥିବାରୁ ତାଙ୍କୁ ହତ୍ୟା ଯୋଜନା କରାଯାଇଥିଲା। ଏଥିପାଇଁ ୫ ବର୍ଷ ପୂର୍ବରୁ ସନାତନ ସଂସ୍ଥାର ଏକ ନେଟୱର୍କ ଯୋଜନା ପ୍ରସ୍ତୁତ କରିଥିଲା ବୋଲି ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଏସ. ବାଲାନ କହିଛନ୍ତି। ଏଥିସହିତ ଉକ୍ତ ମାମଲାର ଅଧିକ ତଦନ୍ତ ଲାଗି ଏସଆଇଟି କୋର୍ଟଙ୍କ ଅନୁମତି ଚାହିଁଛି।

ଲଙ୍କେଶଙ୍କ ହତ୍ୟା ସହ ସଂପୃକ୍ତ ସଂଗଠନକୁ ଖୁବଶୀଘ୍ର ନିଷିଦ୍ଧ ଘୋଷଣା କରାଯିବ ବୋଲି କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର କହିଛନ୍ତି। ଉକ୍ତ ସମ୍ବେଦନଶୀଳ ମାମଲାର ପ୍ରଥମ

### ଏସଆଇଟିର ଚାର୍ଜଶିଟ ଦାଖଲ



ଚାର୍ଜଶିଟ ଗତ ମେ' ମାସରେ ଦାଖଲ ହୋଇଥିଲା। ୫୫ ବର୍ଷୀୟା ଲଙ୍କେଶ ତାଙ୍କ ବାମପନ୍ଥୀ ବିଚାରଧାରା ଏବଂ ହିନ୍ଦୁତ୍ୱ ବିରୋଧୀ ମତାମତ ଲାଗି ଚର୍ଚ୍ଚିତ ଥିଲେ। ଗତବର୍ଷ ସେପ୍ଟେମ୍ବରରେ ତାଙ୍କୁ ତାଙ୍କ ଘର ସାମନାରେ ଗୁଳିକରି ହତ୍ୟା କରାଯାଇଥିଲା ଯାହା ସେତେବେଳେ ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ତତ୍କାଳୀନ ସିଦ୍ଧାରାମାୟା ସରକାର ଘଟଣାର ତଦନ୍ତ ଲାଗି ଏସଆଇଟି ଗଠନ କରିଥିଲେ। ଏହି ହତ୍ୟାକାଣ୍ଡରେ ଶୁଟର ପରଶୁରାମ ୱାଘମେର, ମାଷ୍ଟରମାଇଣ୍ଡ ଅମୋଲ କାଲେ, ସୁଜିଥ କୁମାର ଓରଫ ପ୍ରବୀଣ ଏବଂ ଅମିତ ଦେଗୱେକର ସମେତ ୧୮ ଜଣଙ୍କୁ ଅଭିଯୁକ୍ତ କରାଯାଇଛି।

# ସି.ପି. ଜୋଷୀଙ୍କୁ ଇସି ନୋଟିସ

**ଜୟପୁର,୨୪।୧୧(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟମାନଙ୍କ ବିରୋଧରେ ଜାତିଆଣ ମନ୍ତବ୍ୟ ଦେଇ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ କଂଗ୍ରେସ ନେତା ସି.ପି. ଜୋଷୀଙ୍କୁ ନିର୍ବାଚନ କମିଶନ ନୋଟିସ ଜାରି କରିଛନ୍ତି। ଭାଜପା ପକ୍ଷରୁ ଅଭିଯୋଗ କ୍ରମେ ରାଜସମନ୍ଦ୍ ଜିଲାର ରିଟର୍ନିଂ ଅଫିସର ଏହି ନୋଟିସ ପଠାଇଛନ୍ତି।

ଡିସେମ୍ବର ୭ ନିର୍ବାଚନ ଲାଗି ନାଥଦ୍ୱାର ଆସନରୁ ପ୍ରାର୍ଥୀ ହୋଇଥିବା ଜୋଷୀ ଗୁରୁବାର ଏକ ନିର୍ବାଚନୀ ସଭାରେ ଭାଷଣ ଦେଲାବେଳେ ପ୍ରଧାନମନ୍ତ୍ରୀ ମୋଦି, ଭାଜପା ଏମ୍‌ପି ଉମା ଭାରତୀ ଏବଂ ସାଧ୍ୱୀ ଋତୁମ୍ଭରା ହିନ୍ଦୁତ୍ୱ ବିଷୟରେ କିଛି ଜାଣନ୍ତି ନାହିଁ ବୋଲି କହିଥିଲେ। ହିନ୍ଦୁତ୍ୱ ସମ୍ପର୍କିତ ଜ୍ଞାନ କେବଳ ବ୍ରାହ୍ମଣମାନଙ୍କର ରହିଛି ବୋଲି ସେ କହିଥିଲେ। ରବିବାର ପୂର୍ବାହ୍ନ ୧୧ଟା ସୁଦ୍ଧା ନୋଟିସର ଉତ୍ତର ଦେବାକୁ ଜୋଷୀଙ୍କୁ କୁହାଯାଇଛି। ତାଙ୍କଠାରୁ ଉତ୍ତର ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜସ୍ଥାନର ମୁଖ୍ୟ ନିର୍ବାଚନ ଅଧିକାରୀ ଅନନ୍ତ କୁମାର କହିଛନ୍ତି।



ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଶେରଗଡ଼ ତଥା ଓଡ଼ିଶାର ଜନସାଧାରଣଙ୍କୁ କୃତଜ୍ଞତା ଜଣାଉଛି। ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ଜନସାଧାରଣ ତଥା ଭାରତୀୟ ଜନତା ପାର୍ଟି କର୍ମୀ ଓ ନେତାଙ୍କୁ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ।
ଦେବାନନ୍ଦ ମହାପାତ୍ର
ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଭାରତୀୟ ଜନତା ପାର୍ଟି


ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
ପତିତପାବନ ରାଉତ
ନାଟ୍ୟକାର ଓ ନିର୍ଦ୍ଦେଶକ, ଦାରିଙ୍ଗବାଡ଼ି

ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମଦିନ ଆଜି। ଏହି ଜନ୍ମଦିନ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ତଥା ବିଜ୍ଞାପନଦାତାଙ୍କୁ ଅନେକ ଶୁଭେଚ୍ଛା ଜଣାଉଛି।
କବୀନ୍ଦ୍ରନାଥ ପଣ୍ଡା
ଶେରଗଡ଼ (ଗଞ୍ଜାମ)

ହୃଷୀକେଶ କୃଷକ ସେବା କେନ୍ଦ୍ର ଓ ଫିଲିଙ୍ଗ ଷ୍ଟେସନ ଧରିତ୍ରୀର ଜନ୍ମ ବାର୍ଷିକୀ ଅବସରରେ ଅନେକ ଅଭିନନ୍ଦନ। ଏଠାରେ ପେଟ୍ରୋଲ, ଡିଜେଲ, ମୋବିଲ୍ ଓ କୃଷକ ସରଞ୍ଜାମ ସୁଲଭ ମୂଲ୍ୟରେ ମିଳେ।
ଶ୍ରୀଯୁକ୍ତ ସନ୍ତୋଷ କୁମାର ପାଢ଼ୀ
ପେଟ୍ରୋଲ ପମ୍ପ, ଶେରଗଡ଼

ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଆପଣଙ୍କୁ ଅନେକ ଶୁଭେଚ୍ଛା ଜଣାଉଛି। ଆଶା, ଜଗତର ନାଥ ଜଗନ୍ନାଥ ଆପଣଙ୍କ ଚଲାପଥରେ ପୁଷ୍ପବୃଷ୍ଟି କରନ୍ତୁ। ଶେରଗଡ଼ ବ୍ଲକ ତଥା କୁମାରପାଣି ପଞ୍ଚାୟତର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛି। ଶୁଭେଚ୍ଛା ସହ
ପର୍ଶୁରାମ ସ୍ୱାଇଁ
ପୂର୍ବତନ ସରପଞ୍ଚ, କୁମାର ପାଣି ଗ୍ରାମପଞ୍ଚାୟତ


ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
ଶ୍ୟାମସୁନ୍ଦର ଦିଗାଲ
ସିଆର୍‌ସିସି, ଦାରିଙ୍ଗବାଡ଼ି


ଧରିତ୍ରୀ ଖବରକାଗଜ ନିର୍ଭୀକ ଖବରକାଗଜ, ଯାହାର ଲେଖା ଛପା ଉଚ୍ଚକୋଟୀର। ଯା'ର ସମ୍ପାଦକୀୟ ପୃଷ୍ଠା ପାଠକ ପାଠିକାଙ୍କ ମନକିଣେ। ଏଣୁ ଆସନ୍ତୁ ଧରିତ୍ରୀ ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା। ଶୁଭେଚ୍ଛା ସହ
ଅବନୀ ପ୍ରସାଦ ଦାଶ
ଟାକରଡ଼ା (ଗଞ୍ଜାମ)

BIJU PATTNAIK GROUP OF INSTITUTION
SHERGADA WELCOMES YOU
BIJU PATTNAIK JUNIOR COLLEGE, SHERGADA, GANJAM
Best Wishes on the occasion of Birth Anniversary of Dharitri, BBSR Edition
ଆମ ଅନୁଷ୍ଠାନର ଯୁକ୍ତ ଦୁଇ ପାଠ୍ୟକ୍ରମ ଉନ୍ନତ ପ୍ରଣାଳୀ ସହ ବରିଷ୍ଠ ଅଧ୍ୟାପକଙ୍କ ମାଧ୍ୟମରେ ପାଠଦାନ କରାଯାଏ। ଶୁଭେଚ୍ଛା ସହ
ଶ୍ରୀ ଗୌରହରି ବିଷୋୟୀ
ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ଜୁନିୟର କଲେଜ, ଶେରଗଡ଼

ପିପୁଲସ୍ ଫୋରମ ଆପଣଙ୍କୁ ସ୍ୱାଗତ ଜଣାଉଛି। ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ସମସ୍ତଙ୍କୁ ଅନେକ ଶୁଭେଚ୍ଛା।
People's Forum NGO Wishes You Happy Birthday of Dharitri
ସତ୍ୟଜିତ ପାଇକରାୟ
ଶାଖା ପରିଚାଳକ, ପିପୁଲସ୍ ଫୋରମ, ଶେରଗଡ଼

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
ଦିଲ୍ଲୀପ ସାହୁ
ସାଉଥ୍‌କୋ ୟୁଟିଲିଟି କର୍ମଚାରୀ, ଦାରିଙ୍ଗବାଡ଼ି


ଧରିତ୍ରୀ କାଗଜ ନିଆରା କାଗଜ। ଯା'ର ଛପା, ଲେଖା ଉତ୍ତମ। ଆସନ୍ତୁ ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା।
ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ସାହୁ
F.L. Shop, ଶେରଗଡ଼

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
ମଳୟ କୁମାର ମେହେର
ଯୋଗାଣ ନିରୀକ୍ଷକ, ଦାରିଙ୍ଗବାଡ଼ି


BERHAMPUR CARDIAC CENTRE
ବ୍ରହ୍ମପୁର କାର୍ଡିଆକ୍ ସେଣ୍ଟର ଆପଣଙ୍କୁ ଶୁଭେଚ୍ଛା ଜଣାଉଛି।

ଏଠାରେ ଅଲଟ୍ରାସାଉଣ୍ଡ (ULTRASOUND), E.C.G., E.E.G ଓ ସମସ୍ତ ପ୍ରକାର ମଳ, ମୂତ୍ର, ରକ୍ତ ସହ ପାଥୋଲୋଜି ପରୀକ୍ଷା ସୁଲଭ ମୂଲ୍ୟରେ କରାଯାଏ।
ସେବାରେ ରଘୁନାଥ ଫିଲିଙ୍ଗ ଷ୍ଟେସନ
ଦମକଳ କେନ୍ଦ୍ର ରାସ୍ତା, ପୁରୁଷୋତ୍ତମପୁର (ଗଞ୍ଜାମ)

ନିର୍ମଳ କୁମାର ସାହୁ
ପ୍ରୋପ୍ରାଇଟର, ଭାବାନଗର ଛକ, ବ୍ରହ୍ମପୁର, ମୋ: ୯୯୩୭୪୯୭୫୯୩
ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଅନେକ ଶୁଭେଚ୍ଛା ଜଣାଉଛି।

See Career Appointment on every Wednesday & Saturday

ଧରିତ୍ରୀ ଖବରକାଗଜ ବହୁ ପୁରୁଣା ଅଟେ। ଆସନ୍ତୁ ସମସ୍ତେ ଧରିତ୍ରୀକୁ ଭଲ ପାଇବା। ଶକ୍ତି ବଞ୍ଚାନ୍ତୁ, ଅପଚୟ ରୋକନ୍ତୁ। ଏକ ସୁସ୍ଥ ଜୀବନଯାପନ କରନ୍ତୁ। ଶୁଭେଚ୍ଛା ସହ
ଜେ. ଦିଲେଶ୍ୱର ଆଚାରୀ
ଉପ ସହକାରୀ ଯନ୍ତ୍ରୀ, ଶେରଗଡ଼ ବିଜୁଳି ସେକ୍ସନ, ଶେରଗଡ଼


ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ସମସ୍ତଙ୍କୁ ଆନ୍ତରିକ ଅଭିନନ୍ଦନ। ଜଗତର ନାଥ ଜଗନ୍ନାଥ ସମସ୍ତଙ୍କୁ ଭଲରେ ରଖନ୍ତୁ।

ଶ୍ରୀମତୀ ବିଜୟଲକ୍ଷ୍ମୀ ନାୟକ
ସମିତିସଭ୍ୟ
ଶ୍ରୀ କୃଷ୍ଣଚନ୍ଦ୍ର ନାୟକ
ଭୁଷୁଣ୍ଡା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
ବିଦେଶୀ ନାୟକ
ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ଶିକ୍ଷକ କଲ୍ୟାଣ ସଂଘ ସମ୍ପାଦକ, ଦାରିଙ୍ଗବାଡ଼ି


ହୃଷୀକେଶ ଟିଭିଏସ୍ ଆପଣଙ୍କୁ ସ୍ୱାଗତ ଜଣାଉଛି। ଧରିତ୍ରୀର ଭୁବନେଶ୍ୱର ସଂସ୍କରଣ ପକ୍ଷରୁ ଜନ୍ମବାର୍ଷିକୀ ଅବସରରେ ଓଡ଼ିଶାର ଅଗଣିତ ପାଠକ ପାଠିକା ଓ ବିଜ୍ଞାପନଦାତାଙ୍କୁ ଅନେକ ଶୁଭେଚ୍ଛା।
ଶ୍ରୀଯୁକ୍ତ ହୃଷୀକେଶ ପାଢ଼ୀ
ହୃଷୀକେଶ ଟିଭିଏସ୍, ବିଜେଡି ନେତା, ଶେରଗଡ଼

ବୃକ୍ଷ ହିଁ ଜୀବନ, ଗଛ ଲଗାନ୍ତୁ ଜୀବନ ବଞ୍ଚାନ୍ତୁ। ପରିବେଶକୁ ସଫା ରଖିବା ସହ ନିଜ ନିଜ ଘରକୁ ସରସ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ବୃକ୍ଷରୋପଣ କରନ୍ତୁ। ଆସନ୍ତୁ ସମସ୍ତେ ବୃକ୍ଷରୋପଣ କରି ଏକ ସୁସ୍ଥ ପ୍ରଦୂଷଣମୁକ୍ତ ସମାଜ ତିଆରି କରିବା। ଶୁଭେଚ୍ଛା ସହ
ଦୁର୍ଗାପ୍ରସାଦ ବିଷୋୟୀ
ସାମାଜିକ କର୍ମୀ ଓ ପ୍ରକୃତି ବନ୍ଧୁ ପୁରସ୍କାର ବିଜେତା, ଶେରଗଡ଼


ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
ଯାମିନୀକାନ୍ତ ପଣ୍ଡା
ଶିକ୍ଷକ କଲ୍ୟାଣ ସଂଘ ସଭାପତି, (ଦାରିଙ୍ଗବାଡ଼ି), ଜିଲ୍ଲା: କନ୍ଧମାଳ


ଧରିତ୍ରୀର ଭୁବନେଶ୍ୱର ସଂସ୍କରଣର ଜନ୍ମବାର୍ଷିକୀ ଅବସରରେ ଅନେକ ଶୁଭେଚ୍ଛା। ୫୮ ନଂ ଜୋନର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଉଛି।
ଶ୍ରୀଯୁକ୍ତ ପ୍ରମୋଦ କୁମାର ପାତ୍ର
ଜିଲ୍ଲା ପରିଷଦ ସଭ୍ୟ, ଶେରଗଡ଼ ବ୍ଲକ

ଥାନା ଅଞ୍ଚଳରେ ଏକ ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ବାତାବରଣ ନିମନ୍ତେ ଶେରଗଡ଼ ଥାନାକୁ ସହଯୋଗ କରନ୍ତୁ। ଆମ ପୋଲିସ ସମିତି ଶେରଗଡ଼ ଥାନା ଆପଣଙ୍କୁ ଧରିତ୍ରୀର ଜନ୍ମ ବାର୍ଷିକୀ ଅବସରରେ ଶୁଭେଚ୍ଛା ଜଣାଉଛି।
ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ନାୟକ
ଥାନା ଅଧିକାରୀ, ଶେରଗଡ଼


ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
THE DANCE WORLD
Academy of All Dances
Types of Dance: Odishi, Semi Classical, Hollywood, Free Style Tribal Dance, Belly Dance, Flock Dance
Every Saturday: 4.00 P.M. (Evening) & Sunday: 9.00 A.M. (Morning at Nilakandar Sahi Community Hall, Near Biju Pattnaik Pathagara, Daringbadi
Admission Open
For More Details Contact: Miss Priyanka Sahu (9439729201)
Address: C/o Jayaram Sahu, Block Road, Daringbadi




## ସଂକ୍ଷେପରେ

### ଅଶ୍ଳୀଳ ଫଟୋ ଭାଇରାଲ କରି ଅଭିଯୁକ୍ତ ଗିରଫ

**ବନ୍ତ, ୨୪।୧୧(ସ୍ୱ.ପ୍ର.):** ଭଦ୍ରକ ଜିଲା ଆଗରପଡା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ପ୍ରେମ ପ୍ରତାରଣା କରି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସୋସିଆଲ ମିଡିଆରେ ଭାଇରାଲ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏହାର ତଦନ୍ତ କରି ଆପ୍ତିରାଷଡ଼ଙ୍ଗୀ ଗ୍ରାମର ସ୍ନେହାଦିତ୍ୟ ମଲ୍ଲିକ (୨୪) ନାମକ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ସ୍ନେହାଦିତ୍ୟ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ କେତେକ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ତାଙ୍କୁ ବ୍ଲାକମେଲିଂ କରି ଆସୁଥିଲେ। ପରେ ସେ ଏହି ଫଟୋକୁ ଭାଇରାଲ କରିଥିବା ଜାଣିବା ପରେ ଯୁବତୀ ଜଣଙ୍କ ଥାନାକୁ ଯାଇ ଏନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୩୬ /୧୮ ) ରୁଜୁ କରି ଶୁକ୍ରବାର ରାତି ୧୦ ଟା ବେଳେ ଅଭିଯୁକ୍ତଙ୍କୁ ଆଗରପଡା ବଜାରରୁ ଗିରଫ କରିଥିବା କହିଛି।

### ମେଲୋଡ଼ି ବେଳେ ଗଣ୍ଡଗୋଳ: ୮ ଜଣଙ୍କ ନାଁରେ ମାମଲା

**ବନ୍ତ, ୨୪।୧୧ (ସ୍ୱ.ପ୍ର.):** ଭଦ୍ରକ ଜିଲା ଆଗରପଡା ଥାନା ଅଧୀନ ସନ୍ଦାଡୋ ଗ୍ରାମରେ ରାହାସ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ମେଲୋଡ଼ି ଚାଲୁଥିବା ବେଳେ ବଚସା ହୋଇ ମାରପିଟ୍ ଭଳି ଘଟଣା ଘଟିଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୮ଜଣଙ୍କ ନାମରେ ମାମଲା ( ନଂ.୧୩୭/୧୮) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ମେଲୋଡ଼ି ଉତ୍ସବରେ ସ୍ଥାନୀୟ ସାହୁପଡା ଗ୍ରାମର ଦିଲୀପ ଦାସ ନାମକ ଜଣେ ଯୁବକଙ୍କ ସହିତ ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଉଦୟପୁର ଗ୍ରାମର କେତେକ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଦିଲୀପଙ୍କ ସମେତ ୪ ଜଣ ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲେ ମଧ କାହାକୁ ଏଯାଏ ଗିରଫ କରିନାହିଁ।

# ବର୍ଷକ ପରେ ପୀଡିତାଙ୍କ କକାଙ୍କୁ ହତ୍ୟା

**ନୀଳଗିରି, ୨୪।୧୧(ଡି.ଏନ.ଏ.)**

**ବଳାତ୍କାର ଉଦ୍ୟମ ମାମଲା**
- ପ୍ରତିଶୋଧ ନେଲା ହିଂସା ରୂପ
- ସଂଘବଦ୍ଧ ଆକ୍ରମଣ ଅଭିଯୋଗରେ ୮ ଅଟକ
- ପାଲଟା ଅଭିଯୋଗକ୍ରମେ ଥାନାରେ ୨ ମାମଲା

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ସାନ ନୂଆଗାଁରେ ଶୁକ୍ରବାର ସଂଘବଦ୍ଧ ଆକ୍ରମଣ ଘଟଣାରେ ଆହତ ଯୁବକଙ୍କର ରାତିରେ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଏନେଇ ଗାଁରେ ତୀବ୍ର ଉତ୍ତେଜନା ଲାଗି ରହିଛି। ଗତବର୍ଷ ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରାଯିବା ମାମଲାରେ ପୋଲିସ ସାନ ନୂଆଗାଁର ଅଭିଯୁକ୍ତ ଯୁବକ ବାପୁନ କବାଟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତ ଯୁବକଙ୍କ ପରିବାର ଲୋକେ ଏଥିରେ ପ୍ରତିଶୋଧ ପରାୟଣ ହୋଇ ବର୍ଷକ ପରେ ନାବାଳିକାଙ୍କ କକା ଭାଲୁଆଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ହତ୍ୟା ମାମଲା (ନଂ. ୫୫/୧୮) ରୁଜୁ କରି ଅଭିଯୁକ୍ତ ଯୁବକଙ୍କ ସମେତ ତାଙ୍କ ପରିବାରର ୮ ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷେ ଏନେଇ ଥାନାରେ ଏକ ପାଲଟା ଅଭିଯୋଗ ହୋଇଛି। ପୋଲିସ ଏନେଇ ଆଉ ଏକ ପୃଥକ ମାମଲା (ନଂ.୫୬/୧୮) ରୁଜୁ କରିଛି।

ଥାନା ଅଧିକାରୀ ରାଜେନ୍ଦ୍ର କୁମାର ଦାଶ ଏହି ସୂଚନା ଦେଇ କହିଛନ୍ତି ଯେ, ମୃତକଙ୍କ ନାବାଳିକା ଝିଆରୀଙ୍କୁ ୨୦୧୭ରେ ଅଭିଯୁକ୍ତ ବାପୁନ ବଳାତ୍କାର ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ସେତେବେଳେ ପୋଲିସ ଉଭୟଙ୍କୁ ଡାକ୍ତରୀମାଇନା କରାଇ ପୋକ୍ସୋ ଆକ୍ଟ ଓ ୩୭୬-୧୧ ଦଫାରେ ମାମଲା (ନଂ. ୪୦/୧୭) ରୁଜୁ କରିଥିଲା। ଗିରଫ ଅଭିଯୁକ୍ତଙ୍କୁ ବାଲେଶ୍ୱର ଜିଲା ସେସନ ଜଜ୍ ପୋକ୍ସୋ କୋର୍ଟକୁ ଚାଲାଣ ପରେ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। ମାସକ ପରେ ସେ ଜାମିନ ପାଇ ଘରକୁ ଫେରିଥିଲେ। ବର୍ତ୍ତମାନ ସୁଦ୍ଧା ମାମଲା ବିଚାରାଧୀନ ରହିଛି। ବଳାତ୍କାର ଉଦ୍ୟମ ଅଭିଯୋଗ ପରେ ଉଭୟ ପରିବାର ମଧ୍ୟରେ ଉତ୍ତେଜନା ଲାଗି ରହିଥିଲା। ଗୁରୁବାର ସନ୍ଧ୍ୟାରେ ନାବାଳିକାଙ୍କ କକା ଅଭିଯୁକ୍ତ ଯୁବକଙ୍କ ଘର ଆଡ଼େ ଯାଇଥିବା ବେଳେ ତାଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଆକ୍ରମଣକାରୀ ତାଙ୍କୁ ଘରେ ବାନ୍ଧି ରାତି ସାରା ମାଡ଼ ମାରିଥିଲେ। ଖବରପାଇ ବରହମପୁର ଥାନା ପୋଲିସ ଶୁକ୍ରବାର ପୂର୍ବାହ୍ନରେ ଗାଁକୁ ଯାଇ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ଘଟିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ଶନିବାର ହସ୍ତାନ୍ତର କରିଛି। ଏହି ଆକ୍ରମଣ ଘଟଣା ଜଟିଳ ରୂପ ନେଇଥିବାରୁ ଗ୍ରାମବାସୀ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

# ଜିଲାପାଳଙ୍କ କୋର୍ଟରେ ୯ ଖଣି ମାଲିକ ହାଜର

**କେନ୍ଦୁଝର, ୨୪।୧୧(ସ୍ୱ.ପ୍ର.)**

ଖଣି ଅନିୟମିତତା ମାମଲାରେ ଜରିମାନା ଖିଲାପୀ କରିଥିବା ୯ ଖଣି କମ୍ପାନୀ କର୍ତ୍ତୃପକ୍ଷ ଶନିବାର କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ହାଜର ହୋଇ ନିଜର ପକ୍ଷ ରଖିଛନ୍ତି। ୧୩ ଖଣି କମ୍ପାନୀଙ୍କୁ ନୋଟିସ ଜାରି ହୋଇଥିଲା। ସେଥିମଧ୍ୟରୁ ୪ ଖଣି କର୍ତ୍ତୃପକ୍ଷ କୋର୍ଟରେ ଅନୁପସ୍ଥିତ ରହିଛନ୍ତି। ଜିଲାପାଳଙ୍କ କୋର୍ଟରେ ରୁଜୁ ହୋଇଥିବା ସାର୍ଟିଫିକେଟ କେସରେ ଏସ୍‌ଡି ଶର୍ମା, ଏଚ୍‌ଜି ପାଣ୍ଡ୍ୟା, ବିକେ ମହାନ୍ତି, ମେସର୍ସ ଅର୍ଜୁନ ଲୋଧା, ଏମ୍‌ଆର୍ ଦାସ, ମିନେରାଲ ଟ୍ରେଡିଂ ସିଣ୍ଡିକେଟ, ଭଞ୍ଜ ମିନେରାଲ ପ୍ରାଇଭେଟ ଲିଃ, ମେସର୍ସ ମିଡଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ ଲିଃ, ଏସ୍‌ଏନ୍ ଦାସ ମହାପାତ୍ର ଖଣି କର୍ତ୍ତୃପକ୍ଷ କୋର୍ଟରେ ହାଜର ହୋଇଥିଲେ। ବିଡି ପଟ୍ଟନାୟକ, ସରୋଜିନୀ ପ୍ରଧାନ, ବାସୁଦେବ ଅଗ୍ରୱାଲ ଓ ଟିବି ଲାଲ ଖଣିର ଉତ୍ତରାଧିକାରୀ ସମସ୍ୟା ଥିବା କାରଣରୁ କର୍ତ୍ତୃପକ୍ଷ କୋର୍ଟରେ ହାଜର ହୋଇ ନ ଥିବା ସୂଚନା ମିଳିଛି। ୭ ଖଣି କମ୍ପାନୀ ସେମାନଙ୍କର ଜବାବ ଦାଖଲ କରି ସାରିଥିବା ସୂଚନା ମିଳିଛି।

# ବେଆଇନ ସ'ମିଲରେ ଭିଜିଲାନ୍ସ ଚଢ଼ାଉ

## ୨୩୫ ସିଫ୍ଟ ମୂଲ୍ୟବାନ କାଠ, ଯନ୍ତ୍ରାଂଶ ଜବତ

**ଧାମନଗର, ୨୪।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ସାନବଜାର ନିକଟସ୍ଥ ହବିବନଗରଠାରେ ବେଆଇନ ଭାବେ ଦୀର୍ଘଦିନ ଧରି ଚାଲି ଆସୁଥିବା ସ'ମିଲ ଉପରେ ଶନିବାର ଭିଜିଲାନ୍ସ ଚଢ଼ାଉ କରାଯାଇଛି। ୨୩୫ ସିଫ୍ଟ ମୂଲ୍ୟବାନ କାଠ, କରତକଳର ସମସ୍ତ ଯନ୍ତ୍ରାଂଶ ସମେତ ୨ଟି ମୋଟର ଜବତ ହୋଇଛି। ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ସୁନୀଲ କୁମାର ସେନାପତିଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲା ଭିଜିଲାନ୍ସ ଡିଏସ୍‌ପି ସଞ୍ଜୟ ଦାସମହାପାତ୍ରଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ମାଜିଷ୍ଟ୍ରେଟ, ଏପିଆର୍ ଫୋର୍ସ ଉପସ୍ଥିତ ଥିଲେ। ଧାମନଗର ଫରେଷ୍ଟ ରେଞ୍ଜର ସମୀର କୁମାର ରାଉତ, ଫରେଷ୍ଟର ଭାବେ ପ୍ରଶାନ୍ତ ଦାସ, ପ୍ରକାଶ ଦାସ ଏବଂ ପ୍ରୀତିରାଣୀ ଦାସ ସମସ୍ତ ଗାର୍ଡଙ୍କୁ ନେଇ ସ'ମିଲକୁ ଘେରାଉ କରିଥିଲେ। ପ୍ରାୟ ୩ ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଥିଲା। ସ'ମିଲର ମାଲିକ ଫେରାର ହୋଇଯାଇଥିବା ରେଞ୍ଜର ରାଉତ ସୂଚନା ଦେଇଛନ୍ତି।


ହବିବନଗରସ୍ଥିତ ସ' ମିଲରେ ଚଢ଼ାଉ ଚାଲିଛି।

### ପୋଖରୀରେ ବୁଡ଼ିଗଲେ ଶିଶୁକନ୍ୟା

**ପାଟଣା, ୨୪।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା ସିଲିପଦା ଗ୍ରାମରେ ଶନିବାର ଅପରାହ୍ନରେ ପୋଖରୀରେ ବୁଡି ଜଣେ ୫ ବର୍ଷର ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ରମେଶ ମହାନ୍ତଙ୍କ ଝିଅ ସୁପ୍ରଭା। ମା'ବାପା ବିଲରେ ଧାନ କାଟୁଥିବା ବେଳେ ହିଡରେ ବସି ସୁପ୍ରଭା ଭାତ ଖାଉଥିଲେ। ପରେ ମା'ବାପାଙ୍କ ଅଜ୍ଞାତରେ ସୁପ୍ରଭା ହାତଧୋଇବା ପାଇଁ ବିଲ ନିକଟ ପୋଖରୀକୁ ଯାଇ ବୁଡି ଯାଇଥିଲେ। ମା'ବାପା ଖୋଜାଖୋଜି କରିବା ପରେ ପୋଖରୀରୁ ମୁମୂର୍ଷୁ ଅବସ୍ଥାରେ ସୁପ୍ରଭାଙ୍କୁ ଉଦ୍ଧାର କରି ଉଦୟପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୪/୧୮) ରୁଜୁ କରି ପୋଲିସ ତଦନ୍ତ କରୁଛି।

# ଜଙ୍ଗଲରୁ ଗଛ କାଟି ୧୧ ଗିରଫ


ଗିରଫ ଅଭିଯୁକ୍ତମାନେ।

**କେନ୍ଦୁଝର, ୨୪।୧୧ (ସ୍ୱ.ପ୍ର.)**

କେନ୍ଦୁଝର ସଦର ରେଞ୍ଜ ନରଣପୁର ସେକ୍ସନ ଗୋପାଳପୁର ଖେସରା ଜଙ୍ଗଲରୁ ମୂଲ୍ୟବାନ ଶାଳଗଛ କାଟିବା ଅଭିଯୋଗରେ ବନ ବିଭାଗ ୧୧ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିଶ୍ଚିନ୍ତପୁର ଗ୍ରାମର ଶିର ମୁଣ୍ଡା(୨୨), ଶଶୀ ମୁଣ୍ଡା(୪୦), ବୁଦ୍ଧୁରାମ ମୁଣ୍ଡା(୪୫), ମୁଚି ମୁଣ୍ଡା(୨୦), କ୍ରିଷ୍ଣା ମହାକୁଡ(୨୦), ଜଗା ମୁଣ୍ଡା(୨୦), ଶଙ୍କର ମହାକୁଡ(୨୨), କ୍ରିଷ୍ଣ ମହାକୁଡ(୨୨), ମୁନା ମୁଣ୍ଡା(୨୫), ପଙ୍କଜ ମହାକୁଡ(୨୪) ଏବଂ ଗୋପାଳପୁର ଗ୍ରାମର ହିପି ମୁଣ୍ଡା(୨୨)। ସେମାନଙ୍କ ପାଖରୁ ୨୯ ଖଣ୍ଡ ଶାଳଗଣ୍ଡି ସହ ଅନ୍ୟ ସାମଗ୍ରୀ ଜବତ କରାଯାଇଛି।

# ଶହେ ଶିବଲିଙ୍ଗର ଗାଁ ଏକ ବିସ୍ମୟ

**ଭଦ୍ରକ ଅଫିସ, ୨୪।୧୧**

- ମିଳିଛି ପର୍ଯ୍ୟଟନର ମାନ୍ୟତା, ବିକାଶ ନାହିଁ
- ଅବହେଳିତ ଅବସ୍ଥାରେ ଅନେକ ପ୍ରତ୍ନବିଭବ

ଗାଁର ନାଁ ଛତ୍ରପଦା। ମାଟି ତଳେ ଲୁଚି ରହିଛି ଅସୁମାରୀ ପ୍ରତ୍ନବିଭବ। ବିଭିନ୍ନ ସ୍ଥାନରେ ମାଟି ଖୋଳିବା ବେଳେ ଅସଂଖ୍ୟ ଶିବଲିଙ୍ଗ, ବିଭିନ୍ନ ମୂର୍ତ୍ତି, କୂଅର ଭଗ୍ନାଂଶ ଇଟା, ବହ୍ନିକାଠ, ଗୁଆର ଖୋଳପା ଭଳି ବିଭିନ୍ନ ପ୍ରତ୍ନବିଭବ ଉଦ୍ଧାର ହୋଇଛି। ସ୍ଥାନୀୟ ଗ୍ରାମବାସୀ ମାଟି ତଳୁ ମୋଟ ୧୦୦ ଶିବଲିଙ୍ଗ ଉଦ୍ଧାର କରି କେତେକ ଲିଙ୍ଗକୁ ବିଭିନ୍ନ ନାମକରଣ କରି ପୂଜା କରୁଛନ୍ତି। ଅନ୍ୟ କେତେକ ଶିବଲିଙ୍ଗ ଏବଂ ମୂର୍ତ୍ତି ବିକ୍ଷିପ୍ତ ଓ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଏହି ଗାଁର ଏକ ପୋଖରୀରୁ ଏକ ଜାହାଜର ଲଙ୍ଗର ଓ ବୌଦ୍ଧମୂର୍ତ୍ତି ଉଦ୍ଧାର ହୋଇଛି। ମିଳିଛି ପାଲି ଭାଷାରେ ଲିଖିତ ପଥରଖଣ୍ଡ। କେବଳ ଛତ୍ରପଦା ନୁହେଁ ପାଖରେ ଥିବା ନରେନ୍ଦ୍ରପୁର ଗାଁରେ ଅନୁରୂପ ପ୍ରତ୍ନବିଭବର ନିଦର୍ଶନ ଦେଖିବାକୁ ମିଳିଛି।

ଏହି ଦୁଇ ଗାଁକୁ ନେଇ କାହିଁ କେଉଁ କାଳରୁ ଅନେକ କିମ୍ବଦନ୍ତୀ ଓ ଜନଶ୍ରୁତି ଯୋଡ଼ି ହୋଇରହିଛି। ମାଟି ତଳୁ ମିଳିଥିବା ପ୍ରତ୍ନବିଭବ ସମ୍ପର୍କରେ ସେଭଳି ଗବେଷଣା କାର୍ଯ୍ୟ ହୋଇ ନ ଥିଲେ ବି ରାଜ୍ୟ ସରକାର ୨୦୧୬ ରେ ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରିଛନ୍ତି। କିନ୍ତୁ ଏଯାଏ କୌଣସି ବିକାଶ ହୋଇ ନାହିଁ। ପ୍ରଚାର ପ୍ରସାର ଅଭାବରୁ ଏହି ସ୍ଥାନ ଆଜି ବି ଲୋକଲୋଚନ ଅନ୍ତରାଳରେ ରହିଛି।

ଭଦ୍ରକଠାରୁ ଚାନ୍ଦବାଲିକୁ ସଂଯୋଗ କରୁଥିବା ରାସ୍ତାରେ ୩୦ କି.ମି. ଗଲେ ପଡ଼େ ଗଦି ବଜାର। ସେଠାରୁ ବାମପଟ ରାସ୍ତାରେ ୧୨ କି.ମି. ଗଲେ ପଡ଼େ ଛତ୍ରପଦା ଗାଁ। ମାଟି ତଳୁ ଶତାଧିକ ଶିବଲିଙ୍ଗ ଉଦ୍ଧାର ପରେ ଗ୍ରାମବାସୀଙ୍କ ଉଦ୍ୟମରେ କେତେକ ସ୍ଥାନରେ ମନ୍ଦିର ନିର୍ମାଣ ହୋଇଛି। ଶୈବ ଉପାସନା ପରମ୍ପରାରେ ଶିବଙ୍କ ସାମ୍ନାରେ ବୃଷଭଙ୍କୁ ସବୁଠି ଉପାସନା କରାଯାଇଥାଏ। ଛତ୍ରପଦାରୁ ମିଳିଥିବା ଶିବଲିଙ୍ଗ ଚମ୍ପକେଶ୍ୱର ଓ କପିଳେଶ୍ୱର ମହାଦେବଙ୍କ ନିକଟରେ ସିଂହମୂର୍ତ୍ତି ଥିବା ଦେଖିବାକୁ ମିଳିଛି। ବୃଷଭ ପରିବର୍ତ୍ତେ ସିଂହକୁ ଶିବଙ୍କ ବାହନ ଭାବେ ସେଠାରେ ପୂଜା କରାଯିବା ଏକ ବିରଳ ଦୃଷ୍ଟାନ୍ତ ବୋଲି ପ୍ରତ୍ନତତ୍ତ୍ୱବିତ୍ ଓ ବିଶେଷଜ୍ଞମାନେ ମତ ଦିଅନ୍ତି। ଏସବୁ କଳାକୃତି ଓ ଭଗ୍ନାବଶେଷ ପ୍ରତ୍ନବିଭବକୁ ପୁରାତନ ସମୟର ବୋଲି ଅନୁମାନ କରାଯାଉ ଥିବାବେଳେ ଜନଶ୍ରୁତି ଆଧାରରେ କେହି କେହି ଏହାକୁ ଅଷ୍ଟାଦଶ ଶତାବ୍ଦୀର ବୋଲି କହିଥାନ୍ତି। ଏ ସମ୍ପର୍କରେ କୌଣସି ପ୍ରାମାଣିକ ତଥ୍ୟ ମିଳିନାହିଁ।

ଐତିହ୍ୟ ଓ ପରମ୍ପରାର ବିଶ୍ୱାସକୁ ନେଇ ଛତ୍ରପଦା ଓ ନରେନ୍ଦ୍ରପୁର ଗାଁର ଜନଜୀବନ ଚଳଚଞ୍ଚଳ । ଛତ୍ରପଦାରେ ୧୫ ଶହ ଓ ନରେନ୍ଦ୍ରପୁର ଗାଁରେ ୨ ହଜାର ଲୋକ ବସାବାସ କରୁଛନ୍ତି। ଗାଁର ପ୍ରବେଶପଥରେ ମା' ପାଟଣମଙ୍ଗଳା ପୂଜା ପାଉଛନ୍ତି। ଉକ୍ତ ମନ୍ଦିର ଅଞ୍ଚଳରେ ବେଶ୍ ପ୍ରସିଦ୍ଧି ଲାଭ କରିଛି। ବୈଶାଖ ମାସରେ ମା'ଙ୍କ ନିକଟରେ ଯାନିଯାତ୍ରା ହୁଏ। ମାଟିତଳୁ ମିଳିଥିବା ଶିବଲିଙ୍ଗ ମଧ୍ୟରେ ପାଣି ମହାଦେବ, ବଟେଶ୍ୱର ମହାଦେବ ଓ କପିଳେଶ୍ୱର ମହାଦେବଙ୍କୁ ଗ୍ରାମବାସୀ ପୂଜା କରୁଛନ୍ତି। ଗାଁକୁ ଆସୁଥିବା ପର୍ଯ୍ୟଟକ ଖୋଲାଆକାଶ ତଳେ ଥିବା ବାଲେଶ୍ୱର, ଚମ୍ପକେଶ୍ୱର, ବାଟେଶ୍ୱର, ତାଡ଼କେଶ୍ୱର, ଯମେଶ୍ୱର, କପିଳେଶ୍ୱର, ରାମେଶ୍ୱର, ଆଳେଶ୍ୱର, ବାଡ଼େଶ୍ୱର, ଭୂଟେଶ୍ୱର ଓ ତ୍ରିନାଥ ମହାଦେବଙ୍କ ଦର୍ଶନ କରିଥାନ୍ତି। ଛତ୍ରପଦାରୁ ଉଦ୍ଧାର ହୋଇଥିବା ଭୂଟେଶ୍ୱରଙ୍କ ଲିଙ୍ଗର ଉଚ୍ଚତା ପ୍ରାୟ ସାଢେ ୫ ଫୁଟ। ଏଭଳି ଉଚ୍ଚତାବିଶିଷ୍ଟ ଲିଙ୍ଗ ଓଡିଶାରେ ବିରଳ ବୋଲି ଗ୍ରାମବାସୀ ଦାବି କରନ୍ତି। ଗ୍ରାମବାସୀ ସନାତନ ନାୟକ ନିଜ ଘର ବାଡ଼ିରେ ଗାତ ଖୋଳୁ ଖୋଳୁ ଏକ ଶିବଲିଙ୍ଗ ପାଇଥିଲେ। ସେଥିଲାଗି ତାଙ୍କର ନାମ ରଖାଯାଇଛି ବାଡ଼େଶ୍ୱର ମହାଦେବ। ସେଠାରୁ ଅକ୍ଷର ଅସ୍ପଷ୍ଟ ଥିବା ଏକ ଶିଳାଲେଖ ମିଳିଥିଲା। ଗ୍ରାମର ଜଗନ୍ନାଥ ନାୟକଙ୍କ ପୋଖରୀରୁ ଏକ ଜାହାଜ ଲଙ୍ଗର ଏବଂ ଅନ୍ୟ ଏକ ସ୍ଥାନରୁ ପ୍ରାଚୀନ ବୌଦ୍ଧମୂର୍ତ୍ତି ସହିତ ପାଲି ଭାଷାରେ ଲିଖିତ ପଥରଖଣ୍ଡ ମିଳିଛି। ଏଥିରୁ ବୌଦ୍ଧ ସଂସ୍କୃତି ସହିତ ଏହି ଗ୍ରାମର ସମ୍ପର୍କ ରହିଥିବା କେହି କେହି କହନ୍ତି। ଛତ୍ରପଦାରେ ୧୨ .୪୧ ଏକର ବିଶିଷ୍ଟ ଏକ ପୋଖରୀ ଗାଁର ଶୋଭା ବଢ଼ାଉଛି। ଗାଁ ନିକଟରେ ଚନ୍ଦ୍ରକଳା, ଦରିଆପାଳ, ବାଣଚଆଡିହ, ଘାଟିଆସାହି ଭଳି ସ୍ଥାନର ନାମକରଣ ରାଜ ରାଜୁଡା ଶାସନ କାଳର ସ୍ମୃତି ବହନ କରୁଛି ବୋଲି କହନ୍ତି ବୟୋଜ୍ୟେଷ୍ଠ ବ୍ୟକ୍ତି ପ୍ରେମାନନ୍ଦ ପଣ୍ଡା। ଅସୁରକ୍ଷିତ ଓ ଅବହେଳିତ ଅବସ୍ଥାରେ ଥିବା ପ୍ରତ୍ନବିଭବକୁ ସୁରକ୍ଷିତ ରଖିବା ସହ ଅଞ୍ଚଳରେ ଅଧିକ ପ୍ରତ୍ନତାତ୍ତ୍ୱିକ ଖନନ ଓ ଗବେଷଣା କରାଗଲେ ଐତିହ୍ୟର ପୁନରୁଦ୍ଧାର ସମ୍ଭବ ହୁଅନ୍ତା ବୋଲି ଗ୍ରାମବାସୀ କହିଛନ୍ତି।




ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଥିବା ଛତ୍ରପଦା ଗାଁରେ ସାଢେ ୫ ଫୁଟ ଉଚ୍ଚତା ବିଶିଷ୍ଟ ଭୁଟେଶ୍ୱର ମହାଦେବ (ବାମ) ଏବଂ ରାସ୍ତା କଡ ଓ ଗଛମୂଳରେ ପୂଜା ପାଉଥିବା ଶିବ ଲିଙ୍ଗ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଜେସିବି ଚକା ଫାଟି ବାଳକ ମୃତ

**ଘସିପୁରା, ୨୪।୧୧-** ଘସିପୁରା ଥାନା ଝିଙ୍କିପିଟା ଗ୍ରାମରେ ଶୁକ୍ରବାର ଜେସିବି ଚକା ଫାଟିଯିବାରୁ ଏକ ପଥର ବାଜି ଜଣେ ବାଳକ ଗୁରୁତର ହୋଇଥିଲେ। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ବାଳକଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ଝିଙ୍କିପିଟା ଗ୍ରାମର ମୋହନ ଟୁଡୁଙ୍କ ପୁତ୍ର ଚରଣ ଟୁଡୁ (୧୨)। ଗୋଟିଏ ଜେସିବି ବିଲ କାମ କରିବା ପାଇଁ ରାସ୍ତାରେ ଠିଆ ହୋଇଥିଲା। ସେହି ସମୟରେ ହଠାତ୍ ଗାଡିର ଚକ ଫାଟି ଯାଇଥିଲା। ଫଳରେ ଗାଡ଼ି ପାଖରେ ଠିଆ ହୋଇଥିବା ବାଳକ ମୁଣ୍ଡରେ ଏକ ପଥର ବାଜିଥିଲା। ବାଳକଙ୍କୁ ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ମୃତ ବାଳକଙ୍କ ପିତାମାତା ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଦାବି ହୋଇଛି।

### ରହୁନାହାନ୍ତି ଡାକ୍ତର, ରୋଗୀ ହଇରାଣ

**କେନ୍ଦୁଝର, ୨୪।୧୧(ସ୍ୱ.ପ୍ର.):** ଜିଲା ମୁଖ୍ୟଡାକ୍ତରଖାନା ଅନେକ ସମୟରେ ଡାକ୍ତରଙ୍କ ଅନୁପସ୍ଥିତିରୁ ରୋଗୀ ସେବା ବ୍ୟାଘାତ ହେଉଛି। ଗତ ରବିବାର ୪ ଜଣ ସ୍ଥାନରେ ଜଣେ ଡାକ୍ତର ଆଉଟଡୋରରେ ରୋଗୀ ଦେଖୁଥିଲେ। ଫଳରେ ରୋଗୀ ବହୁ ଅସୁବିଧା ଭୋଗୁଥିବାରୁ ସାମାଜିକ କର୍ମୀ ବ୍ରଜ କିଶୋର ରାୟ ଉପସ୍ଥିତ ଥିବା ଡାକ୍ତରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଭଳି ଘଟଣା ଦୈନନ୍ଦିନ ଘଟୁଥିଲେ ପଦକ୍ଷେପ ନିଆଯାଉନି। ବିଳମ୍ବରେ ଡାକ୍ତର ଆସୁଛନ୍ତି। ସେମାନେ ଘରୋଇ ଚିକିତ୍ସାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏ ନେଇ ପୂର୍ବରୁ ଅସନ୍ତୋଷ ଦେଖାଦେଇଆସୁଛି।

### ରାସ୍ତା ନେଲା ଚାଳକଙ୍କ ଜୀବନ

**ଚମ୍ପୁଆ, ୨୪।୧୧(ଡି.ଏନ.ଏ.)-** ଚମ୍ପୁଆ ଥାନା ନାରଦପୁର ପାଣି ଟାଙ୍କି ନିକଟରେ ଶନିବାର ଏକ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଚାଳକଙ୍କ ଜଣଙ୍କ ହେଲେ ନାମ ହୀରାକୁଦ କଲୋନୀ ଯୋଡାର ଈଶ୍ୱର ଚନ୍ଦ୍ର ଦାସ। ସେ ଯୋଡାରୁ ରିମୁଳି ଆଡକୁ ଆସୁଥିବା ବେଳେ ରାସ୍ତାରେ ଭାରସାମ୍ୟ ହରାଇ ପଡିଯାଇଥିଲେ। ଗୁରୁତର ଆହତ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରାସ୍ତା ଖାଲଖମା ହୋଇଥିବାରୁ ଏପରି ଦୁର୍ଘଟଣା ଘଟିଥିବା କୁହାଯାଉଛି।

### ସୁଆମ ଶାସନରେ ଭଜନ ସମାରୋହ

**ପାଟଣା, ୨୪।୧୧(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସୁଆମ ଶାସନରେ ୪୬ତମ ରାହାସପୂର୍ଣ୍ଣମା ପାଳିତ ହୋଇଛି। ରାଧାକୃଷ୍ଣଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କ ଯଥା ରୀତିରେ ପୂଜାର୍ଚ୍ଚନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ କଣ୍ଠ ଶିଳ୍ପୀଙ୍କୁ ନେଇ ଭଜନ ସମାରୋହ ହୋଇଥିଲା। କଣ୍ଠ ଶିଳ୍ପୀ ନାରାୟଣ ଶତପଥୀ, ମାଷ୍ଟର ତନ୍ମୟ ଶତପଥୀ, ଗିରିଜାରଞ୍ଜନ ମିଶ୍ର, ଶ୍ରୀନିବାଶ ଶତପଥୀ, ଭୁବୁନାନନ୍ଦ ଦାଶ, ସୁଶ୍ରୀ ଆକାଂକ୍ଷା, କେଦାର ଚନ୍ଦ୍ର ଦାଶ, ସୋନାଲିକା ପ୍ରଧାନ, ଗୌରୀରଞ୍ଜନ ମିଶ୍ର ଓ ରାଜୁନାଏକ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶରତଚନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ। ଅଜିତ କୁମାର ଦାଶ, ରାଜବଲ୍ଲଭ ମିଶ୍ର, ସୌମ୍ୟରଞ୍ଜନ ଦାଶ, ଶିବପ୍ରସାଦ ଦାଶ, ସିଦ୍ଧାର୍ଥ ଦାଶ, ଜିତେନ୍ଦ୍ର ମିଶ୍ର ଓ ପ୍ରକାଶ ଦାଶ ପ୍ରମୁଖ ସହଯୋଗ କରିଥିଲେ।

### ହାଟଡିହୀ ବିକାଶ ମଞ୍ଚ ବୈଠକ

**ହଟଡିହୀ, ୨୪।୧୧-** ହାଟଡିହୀ ବିକାଶ ମଞ୍ଚ ସଭାପତି ନିତ୍ୟାନନ୍ଦ ପହୀଙ୍କ ସବାପତିତ୍ୱରେ ନବ ନିର୍ମାଣ କୋର୍ଟ ଘର ପରିସରରେ ଏକ ବୈଠକ ହୋଇଥିଲା। ବୈଠକରେ ଆଞ୍ଚଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କୋର୍ଟ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ହେଁ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରି ନ ଥିବାରୁ ମଞ୍ଚ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଥିଲା। ତହସିଲଠାରେ ବିଚାର ବିଭାଗୀୟ ଅଧିକାରୀଙ୍କ ପରାମର୍ଶରେ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଛି। ଦୀର୍ଘ ଦିନ ବିତିଯାଇଥିଲେ ହେଁ କୋର୍ଟ ଚାଲି ପାରିନାହିଁ। ଏ ନେଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ମଞ୍ଚ ସମ୍ପାଦକ ସନାତନ ଜେନା ସୂଚନା ଦେଇଛନ୍ତି।

# ଅନ୍ଧାରରେ ଅଞ୍ଚଳବାସୀ

- ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଫେଲ୍
- କର୍ତ୍ତୃପକ୍ଷ-ଠିକାଦାରଙ୍କ ସଲାସୁତୁରା
- ନିମ୍ନମାନର କେବୁଲ ଟଣା

**ଆନନ୍ଦପୁର,୨୪।୧୧(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ୧୩ ନଂ ୱାର୍ଡ଼ ଜଅଁରା ବାଳିଆପିଟା କଲୋନୀରେ ଦୀର୍ଘ ଦିନ ଧରି ଲୋ ଭୋଲଟେଜ୍ ସମସ୍ୟା ରହିଥିଲା। ସେହି ସମସ୍ୟା ଦୂର ଲାଗି ଆପିଡିଏସ୍ ସ୍କିମ୍ ମାଧ୍ୟମରେ ଏକ ଶହେ କେଭିର ଟ୍ରାନ୍ସଫର୍ମର ବସାଯାଇଛି। ପ୍ରାୟ ୪୦୦ ମି. ୧୧ କେଭି ବିଦ୍ୟୁତ୍ ତାର ଟଣାଯାଇଛି। ଶହେ କେଭି ବିଶିଷ୍ଟ ଟ୍ରାନ୍ସଫର୍ମର ମାଧ୍ୟମରେ ସ୍ଥାନୀୟ ବାସିନ୍ଦାଙ୍କୁ ବିଦ୍ୟୁତ୍ ବିତରଣ କରାଯାଇଛି। ସବୁ କାମ ସରିବା ପରେ ଟ୍ରାନ୍ସଫର୍ମର ଚାର୍ଜ କରିବା ମାତ୍ରେ ୧୧ କେ.ଭି. ତାରଟି ଜଳି ଯାଇଥିଲା। ପରେ ଏହାର ସମାଧାନ କରାଯାଇଥିଲା। ଗତ ରବିବାର ପୁଣି ଥରେ ଏଭଳି ସମସ୍ୟା ଦେଖା ଦେଇଥିଲା। ନିମ୍ନମାନର କାମ ଯୋଗୁଁ ବୁଧବାର ପୁଣି ଥରେ କେବୁଲ ପୋଡିଯିବାରୁ ଅଞ୍ଚଳବାସୀ ଅନ୍ଧାରରେ ରହିଛନ୍ତି। ଏବେ ବିଦ୍ୟୁତ୍ ଯୋଗାଣକୁ ନେଇ ବିବାଦ ମୁଣ୍ଡ ଟେକିଛି।



ଟ୍ରାନ୍ସଫର୍ମର ସଜଡା ଯାଉଛି।

ଲେଜର୍ ପାୱାର ନାମକ ପଶ୍ଚିମବଙ୍ଗର ଏକ ଠିକା କମ୍ପାନୀ ଟେଣ୍ଡର ମାଧ୍ୟମରେ ଆନନ୍ଦପୁର ପୌରାଞ୍ଚଳରେ ୧୭ଟି ଟ୍ରାନ୍ସଫର୍ମର ବସାଇବାର ଠିକା ନେଇଛି। ବିଭାଗ ଦ୍ୱାରା ପ୍ରସ୍ତାବିତ ଟ୍ରାନ୍ସଫର୍ମର ବ୍ୟବହୃତ ପ୍ରତ୍ୟକ ସାମଗ୍ରୀର ମାନ ଯାଞ୍ଚ କରିବା ପରେ ତାହାର ବ୍ୟବହାର କରିବାର ବ୍ୟବସ୍ଥା ରହିଛି। ଉକ୍ତ ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ ହେବା ପରେ ବାରମ୍ବାର ବିଭ୍ରାଟ ଦେଖା ଦେବା ନେଇ ଗ୍ରାମବାସୀ ପ୍ରତିକ୍ରୀୟା ବ୍ୟକ୍ତ କରିଛନ୍ତି। ବିଭାଗୀୟ ନେସ୍କୋ କର୍ତ୍ତୃପକ୍ଷ ଓ ଠିକା ସଂସ୍ଥା ମଧ୍ୟରେ ହୋଇଥିବା ଭିତିରି ବୁଝାବଣା ପଦାରେ ପଡ଼ିଥିବା ଆଲୋଚନା ହେଉଛି। ଏ ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ କହିଛନ୍ତି ଯେ, ସମସ୍ୟା ସମ୍ପର୍କରେ ଅବଗତ ଅଛି। ଠିକା କମ୍ପାନୀ ସହ ଆଲୋଚନା କରାଯାଇଛି। ଆନନ୍ଦପୁର ନେସ୍କୋ ସଂସ୍ଥାର ଜଣେ ବରିଷ୍ଠ ଅଧିକାରୀ ନିମ୍ନମାନର କେବୁଲ ବ୍ୟବହାର ନେଇ ଠିକା ସଂସ୍ଥା ଉପରେ କ୍ଷୁବ୍ଧ ହୋଇଥିବା ଚର୍ଚ୍ଚା ହେଉଛି। ଏହାର ଉଚ୍ଚସ୍ତରୀୟ ତନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବେଧଡ଼କ ବାଲି ଚାଲାଣକୁ ରୋକାଯାଉ

**ଚମ୍ପୁଆ,୨୪।୧୧(ଡି.ଏନ.ଏ.)**

ଚମ୍ପୁଆ ବ୍ଲକରେ ଲଘୁ ଖଣିଜ ଚାଲାଣ ବୃଦ୍ଧି ପାଇଛି। ବେଧଡ଼କ ବାଲି ଚାଲାଣ ଉପରେ ଅଙ୍କୁଶ ଲଗାଇବାକୁ ସ୍ଥାନୀୟ ଟ୍ରାକ୍ଟର ମାଲିକ ସଂଘ ଉପଜିଲାପାଳଙ୍କୁ ଅନୁରୋଧ କରିଛି। ଏକ ଆଶୁ ସମାଧାନ ଲାଗି ସହକାରୀ ଜିଲାପାଳ ଚାରୁଲତା ସିଂଙ୍କ ନିକଟରେ ଟ୍ରାକ୍ଟର ମାଲିକସଂଘ ସଭାପତି ସୁରେନ୍ଦ୍ର କୁମାର ନାଏକ ଏବଂ ସମ୍ପାଦକ ଗୁରୁଚରଣ ମହାନ୍ତ ପ୍ରମୁଖ ଦାବି କରିଛନ୍ତି।

ଚମ୍ପୁଆରେ ପରିବହନ କରୁଥିବା ଟ୍ରାକ୍ଟର ଗୁଡିକ ଫିଟନେସ, ପରମିଟ, ଡ୍ରାଇଭିଂ ଲାଇସେନ୍ସ ଓ ଗାଡି କାଗଜ ପତ୍ର ନ ଥାଇ ବ୍ୟବସାୟ କରୁଛନ୍ତି ସେଭଳି ଗାଡିକୁ ସିଜ୍ କରିବାକୁ ଅନୁରୋଧ କରାଯାଇଛି। ସଂଘ ପକ୍ଷରୁ ଲଘୁ ଖଣିଜ ଯଥା ବାଲି, ପଥର, ମୋରମ ଆଦିର ଦର ଧାର୍ଯ୍ୟ କରିବାକୁ ଅନୁରୋଧ କରାଯାଇଛି। ରାଜ୍ୟ ବାହାରୁ ଆସୁଥିବା ବେଆଇନ ବାଲି ଚାଲାଣକୁ ମଧ୍ୟ ବିରୋଧ କରାଯାଇଛି।

# ବିଶ୍ୱଶାନ୍ତି ପାଇଁ ଗୀତା ମହାଯଜ୍ଞ

**କେନ୍ଦୁଝର, ୨୪।୧୧(ସ୍ୱ.ପ୍ର.)**

ପବିତ୍ର ରାସ ପୂର୍ଣ୍ଣିମା ଅବସରରେ ନେଲୁଙ୍ଗ ଗ୍ରାମବାସୀଙ୍କ ପକ୍ଷରୁ ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିରରେ ବିଶ୍ୱଶାନ୍ତି ପାଇଁ ଏକ ଦିବସୀୟ ସମ୍ପୂର୍ଣ୍ଣ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପାରିବାରିକ ଅଶାନ୍ତି ଦୂର କରିବା ସହ ଜଗତ କଲ୍ୟାଣ ଓ ବିଶ୍ୱରେ ଶାନ୍ତି ଓ ଭାତୃଭାବ ପ୍ରତିଷ୍ଠା ଲକ୍ଷ୍ୟରେ ଗୀତା ମହାଯଜ୍ଞ ଆୟୋଜନ କରାଯାଇଥିବା ଆୟୋଜକ ପ୍ରକାଶ କରିଛନ୍ତି। ଗୀତା ମହାଯଜ୍ଞରେ ଚର୍ତୁଭୂଜ ହୋତା କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପୂଜକ ଭାବେ ରାମଚନ୍ଦ୍ର ପଣ୍ଡା, ଅଲେଖ ତ୍ରିପାଠୀ, ଦିବ୍ୟରନଞ୍ଜ ଦାଶ ପ୍ରମୁଖ ଗୀତା ମହାଯଜ୍ଞରେ ପୂଜାର୍ଚ୍ଚନା କରିଥିଲେ। ସାମୂହିକ ଗୀତାପାଠରେ ସର୍ବଶ୍ରୀ ରମେଶ ଚନ୍ଦ୍ର ହୋତା, ରଞ୍ଜନ ଦାଶ, ସଞ୍ଜୟ ପଣ୍ଡା, କ୍ଷୀରୋଦ ରଣା, କୁବିହାରୀ ଚୌଧୁରୀ, ସରୋଜ ପଣ୍ଡା, ଶରତଚନ୍ଦ୍ର ଦାଶ, ପ୍ରଶାନ୍ତ ପଣ୍ଡା, ସୁଶାନ୍ତ ପଣ୍ଡା, ପିଙ୍କନ ପାଢୀ, କାମାକ୍ଷା କର ଅଂଶଗ୍ରହଣ କରିଥିଲେ।

# ଜନ ପରାମର୍ଶ ପଦଯାତ୍ରା




ପଦଯାତ୍ରାରେ ଭାଜପା କର୍ମକର୍ତ୍ତା।

**ଘସିପୁରା, ୨୪।୧୧**

ଘସିପୁରା ନିର୍ବାଚନ ମଣ୍ଡଳୀର ରାମଚନ୍ଦ୍ରପୁର ମଣ୍ଡଳରେ ଭାଜପା ପକ୍ଷରୁ ଶନିବାର ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ମଣ୍ଡଳ ସଭାପତି ଜିତେନ୍ଦ୍ର ବେହେରାଙ୍କ ସଂଯୋଜନାରେ ଭାଜପା ନେତା ଗୋଲକ ଜେନା, ପଞ୍ଚାନନ ରାଉତ, ଦେବ ଜେନା, ରାଧାଶ୍ୟାମ ରଣା, ବାବନ ଭୂୟାଁ, ପ୍ରଣବ ପୁହାଣ, ଦିଲ୍ଲିପ ଜେନା, ଶ୍ରୀଧର ମହାନ୍ତ, ରାକେଶ ମଲ୍ଲିକ, ଭଗବାନ ମହାରଣାଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ବାତୋ ପଞ୍ଚାୟତର କରଡ଼ାପାଳ, ଗୋଡ଼ିଉପର, ବାତୋ, ଅଞ୍ଜିରା, ମଧୁକେଶରୀ ଗ୍ରାମରେ ପଦଯାତ୍ରା କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ନବୀନ ସରକାରଙ୍କର ଜନ ମାରଣ ନୀତି ଉପରେ ଲୋକଙ୍କୁ ଅବଗତ କରାଯାଇଥିଲା।

ଆନନ୍ଦପୁର ବ୍ଲକର ବେଲବାହାଳୀ ମଣ୍ଡଳର ଭାଜପାର ସଭାପତି ଅନାଦି ସାହୁଙ୍କ ସହ ପୂର୍ବତନ ବିଧାୟକ ଭାଗୀରଥି ସେଠୀ, ବରିଷ୍ଠ ଭାଜପା ନେତା ଆଲୋକ ସେଠୀ, ରାମଚନ୍ଦ୍ର ସାହୁ, ଜିଲା ମହିଳା ମୋର୍ଚ୍ଚା ସଭାପତି ସୁମତି ଜେନା, ଜିଲା ଅନୁସୂଚିତ ଜାତି ସଭାପତି ହେମନ୍ତ ମଲ୍ଲିକ, ସନ୍ତୋଷ ଜେନା, ଟୁକୁନା ମହାନ୍ତ, ରତ୍ନାକର ବାରିକଙ୍କ ସହ ଶତାଧିକ ଭାଜପା କର୍ମୀ ପଞ୍ଚୁପଲ୍ଲୀ ପଞ୍ଚାୟତର ବିଭିନ୍ନ ସାହିରେ ପଦଯାତ୍ରା କରି କେନ୍ଦ୍ର ସରକାରଙ୍କ ଜନ ହିତକର କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ।

# ବିଦ୍ୟାଳୟରେ କବିତା ପାଠୋତ୍ସବ

**ହାଟଡିହୀ,୨୪।୧୧**

କେନ୍ଦ୍ର ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀ ଓ ଉତ୍ତର ଓଡ଼ିଶା ସାହିତ୍ୟ ଓ ସଂସ୍କୃତି ସମ୍ମେଳନ ମିଳିତ ଆନୁକୁଲ୍ୟରେ ଗ୍ରମାଲୋକ କାର୍ଯ୍ୟକ୍ରମ ମାଧ୍ୟମରେ ଗୋପାଳ ଚନ୍ଦ୍ର ଉଚ୍ଚବିଦ୍ୟାଳୟ ଓରାଳୀଠାରେ କବିତା ପାଠୋତ୍ସୋବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ବିମଳ ଜେନା ସଭାପତିତ୍ୱ କରିଥିଲେ। ଉତ୍ତର ଓଡିଶା ସାହିତ୍ୟ ଓ ସଂସ୍କୃତି ସମ୍ମେଳନ ସଭାପତି ନୃସିଂହ ନାଥ ସିଂ, ସମ୍ପାଦକ ଡ. ଭାଗବତ ଲେଙ୍କା, ରାମ ଚନ୍ଦ୍ର ନାୟକ, ରତ୍ନାକର ଦାସ, ଆନ୍ତର୍ଯ୍ୟାମୀ ରାଉତ, ହାସ୍ୟମୟୀ ରାଜ, ଦୀପ୍ତି ଦେବଦର୍ଶନୀ ସୁତାର, ସନ୍ଧ୍ୟାରାଣୀ ପୃଷ୍ଟି, ମମତାମୟୀ ବିଶ୍ୱକଲ୍ୟାଣୀ ରଉତ, ଗୌରୀଦତା ମାଝି, ସୁବାସ ପାତ୍ର, ଶ୍ରୀକାନ୍ତ ବିଶ୍ୱାଳ, ଶ୍ରୀକାନ୍ତ ପଟ୍ଟନାୟକ, ନାରାୟଣ ଲେଙ୍କା, ନରେନ୍ଦ୍ର ବେହେରା, ସୁରେନ୍ଦ୍ର ପରିଡ଼ା, ସୁରେନ୍ଦ୍ର ପାତ୍ର, ଗୋବିନ୍ଦ ପାଣିଗ୍ରାହୀ, ରକ୍ଷାକର ଦାସ, ବନମାଳି ଜେନା, ଅନୀଲ ସାହୁ, ବିଜୟ ଜେନା, ଅନନ୍ତ ଚରଣ ପହୀ ଉପସ୍ଥିତ ରହିଥିଲେ। ୮୫ କବି କବିତା ପାଠ କରିଥିଲେ।

■ ଆଦିରଙ୍ଗା ମହୋତ୍ସବ ଉଦ୍‌ଘାଟିତ

# ଆଦିବାସୀ ନୃତ୍ୟକଳା ଦେଶର ପ୍ରାଣ

**କେନ୍ଦୁଝର, ୨୪।୧୧(ସ୍ୱ.ପ୍ର.)**

ସ୍ଥାନୀୟ କାଳୀପଡିଆଠାରେ ନ୍ୟାସନାଲ ସ୍କୁଲ ଅଫ ଡ୍ରାମା (ରାଷ୍ଟ୍ରିୟ ନୃତ୍ୟ ବିଦ୍ୟାଳୟ) ନୂଆଦିଲ୍ଲୀ ପକ୍ଷରୁ ଆୟୋଜିତ ଆଦିରଙ୍ଗା ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଏକ ରଙ୍ଗାରଙ୍ଗ ପରିବେଷରେ ଉଦ୍‌ଘାଟିତ ହୋଇଯାଇଛି। ବଲିଉଡ଼ ଅଭିନେତା ମୁକେଶ ତିୱାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୃତ୍ୟ ବିଦ୍ୟାଳୟର ନିର୍ଦ୍ଦେଶକ ସୁରେଶ ଶର୍ମା, ଅଧ୍ୟକ୍ଷ ଅର୍ଜ୍ଜୁନ ଦେଓ ଚରଣ, କୁଳସଚିବ ପ୍ରଦିପ ମହାନ୍ତି ଯୋଗ ଦେଇଥିଲେ। ଆଦିବାସୀ ହେଲେ ଦେଶର ପ୍ରାଣ। ସେମାନଙ୍କ କଳା ସଂସ୍କୃତ ଓ ପରମ୍ପରାର ସୁରକ୍ଷା ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ବୋଲି ମୁଖ୍ୟ ଅତିଥି ମୁକେଶ କହିଥିଲେ।

ଏହି ମହୋତ୍ସବ କେନ୍ଦୁଝର ଜିଲାରେ ଦ୍ୱିତୀୟ ଥର ପାଇଁ ଅନୁଷ୍ଠିତ



ଉଦ୍‌ଘାଟନୀ ଉତ୍ସବରେ ଅତିଥି।

ହେଉଥିବା ବେଳେ ଜିଲାର ଚାଙ୍ଗୁ ଓ ମୁଣ୍ଡା ନାଚ ପ୍ରଦର୍ଶନ କରାଯାଉଛି। ବିପ୍ଳବୀ ଧରଣୀଧର ଭୂୟାଁଙ୍କ ଉପରେ ନାଟକ ମଞ୍ଚସ୍ଥ ହେବ ବୋଲି ଜଣାପଡ଼ିଛି। ଓଡ଼ିଶା ବ୍ୟତୀତ ଆସାମ, ସିକିମ, ତ୍ରିପୁରା, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମେଘାଳୟ, ହିମାଚଳ ପ୍ରଦେଶ, ଉତରାଖଣ୍ଡ, ରାଜସ୍ଥାନ, ତେଲେଙ୍ଗାନା, ଗୁଜୁରାଟ ଆଦି ୧୫ଟି ରାଜ୍ୟର ଲୋକନୃତ୍ୟ ପ୍ରଦର୍ଶିତ ହେବ ବୋଲି ଜଣାପଡ଼ିଛି। ବିଭିନ୍ନ ରାଜ୍ୟରୁ ଆସିଥିବା ଆଦିବାସୀ ହସ୍ତତନ୍ତ ମଣ୍ଡପ ଖୋଲାଯାଇଛି। ଆଦିବାସୀ ଲୋକ ନୃତ୍ୟ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମୁଛି।

# ଉନ୍ନୟନ କାର୍ଯ୍ୟରେ ଅନିୟମିତତା



ବାହୁରିଆ ଝରାଠାରୁ ମଣ୍ଡେଇ ସାହିରାସ୍ତା।

**ତେଲକୋଇ, ୨୪।୧୧(ଡି.ଏନ.ଏ.)**

ତେଲକୋଇ ବ୍ଲକ ଦେଉଳଡିହା ପଞ୍ଚାୟତ ଅଧୀନରେ ହୋଇଥିବା ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଛି। ଏ ନେଇ ପଞ୍ଚାୟତବାସୀ ଜିଲା ଡିଆରଡିଏ ପିଡିଙ୍କଠାରେ ତଦନ୍ତ ଦାବି କରିଛନ୍ତି। ୨୦୧୭-୧୮ରେ ଚେକଡ୍ୟାମ, ରାସ୍ତା, ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ହୋଇଛି। ୮୪ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ମୁଣ୍ଡା ସାହିଠାରୁ ମନ୍ଦିର ସାହି ରାସ୍ତା ପାଇଁ ୬ ଲକ୍ଷ ବ୍ୟୟ ବରାଦ ହୋଇଛି। ନୂଆଁ ସାହି-ମଣ୍ଡେଇସାହି ରାସ୍ତାରେ ୭ ଲକ୍ଷ, ରୁଗୁଡି ପୋଖରୀ ପୁନରୁଦ୍ଧାର ୫ ଲକ୍ଷ, ଭାଲୁ ଖେଳ ପଡିଆ ପାଇଁ ୫ ଲକ୍ଷ ସହ ଅନ୍ୟ ରାସ୍ତା ପାଇଁ ଟଙ୍କା ଖର୍ଚ୍ଚ ହୋଇଛି। ଉକ୍ତ ସମସ୍ତ କାର୍ଯ୍ୟରେ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି।

କେତେକ କାର୍ଯ୍ୟରେ ମିଥ୍ୟା ବିଲ କରାଯାଇ ଥିବା ଅନ୍ତର୍ଯ୍ୟାମି ପ୍ରଧାନ, ଅନ୍ତର ସାହୁ, ନୃସିଂହ କିଷାନ, ଗଣେଶ୍ୱର ପାତ୍ର, ରବି କିଷାନ, ନିରାକାର କିଷାନ, ଶୁଦର୍ଶନ ପାତ୍ର, ଦେବରାଜ ସେଠୀ, କହ୍ନେଇ ସେଠୀ ସମେତ ଶତାଧିକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଏସ. ମହାଲିକଙ୍କୁ ପଚାରିବାରୁ ଉକ୍ତ ପଞ୍ଚାୟତ ଅଧୀନରେ ହୋଇଥିବା କାମ ପୂର୍ବରୁ ଥିବା ଯନ୍ତ୍ରୀ କରିଛନ୍ତି। ୨ ମାସ ହେବ ଉକ୍ତ ପଞ୍ଚାୟତର ଦାୟିତ୍ୱ ନେଇଛି ବୋଲି ସେ କହିଛନ୍ତି।

# ମନମୋହିଲା ସହାରିୟା ସୁହାଗରାତ

**କେନ୍ଦୁଝର, ୨୪।୧୧(ସ୍ୱ.ପ୍ର.)**

କେନ୍ଦୁଝର ଆଦିମହୋତ୍ସବରେ ରାଜସ୍ଥାନର ଅନ୍ୟତମ ପ୍ରମୁଖ ଆଦିବାସୀ ସମ୍ପ୍ରଦାୟର ଲୋକନୃତ୍ୟ ସହାରିୟା ସୁହାଗରାତ ମନମୋହିଥିଲା। ଏହି ନୃତ୍ୟ ଓ ପରମ୍ପରା ବହୁ ବର୍ଷ ପୁରୁଣା। ରାଜସ୍ଥାନର ବଡା ଜିଲା ସାହାବାଦ ତହସିଲର ଏହି ଲୋକ ନୃତ୍ୟଦଳର ମୁଖ୍ୟ ଗୋପାଲ ଧାନୁକେଙ୍କୁ ଧରିତ୍ରୀ ପକ୍ଷରୁ ପ୍ରଶ୍ନ କରାଯିବାରୁ ଏହି ପୁରାତନ ନୃତ୍ୟ ଓ ପରମ୍ପରା ବିଷୟରେ ବଖାଣିଥିଲେ। ଏହି ଆଦିବାସୀ ନୃତ୍ୟର ଗୀତ ରଚନା ସାଧାରଣତଃ ତିନି ପ୍ରକାର। ଅର୍ଥାତ ବର୍ଷର ତିନୋଟି ମୁଖ୍ୟ ପର୍ବରେ ତାହା ଗାଇଥାନ୍ତି। ନୃତ୍ୟ ପରିବେଷଣ ହୋଇଥାଏ। ହୋଲି ସମୟରେ ସୁହାଗ ହୋଲି ନୃତ୍ୟ ଫଗୁଣ କରିଥାନ୍ତି। ଏହା ଏକ ମାସଧରି ଚାଲେ। ଗାଁ ବୁଲି ନୃତ୍ୟ କରାଯାଇଥାଏ। ଚୈତ୍ର ନବରାତିରେ ଅର୍ଥାତ ଦୁର୍ଗାପୂଜା ସମୟରେ ନଅ ଦିନ ଧରି ଭସ୍ମାସୁର ନୃତ୍ୟଗୀତ ପରିବେଷଣ ହୋଇଥାଏ। କାଳୀ ପୂଜା ସମୟରେ କଳିକା ନୃତ୍ୟ ପରିବେଷଣ କରାଯାଇଥାଏ।

ଏହି ଆଦିବାସୀ ପରମ୍ପରା ରାଜସ୍ଥାନର ୧୨ ଜିଲାରେ ଦେଖିବାକୁ ମିଳେ। ପୁରୁଷମାନେ ଏହି ନୃତ୍ୟଗୀତ ପରିବେଷଣ କରିଥାନ୍ତି। ପୁରୁଷମାନେ ମହିଳା ବେଶରେ ସଜ୍ଜିତ ହୋଇ ନୃତ୍ୟ କରିଥାନ୍ତି। ଗୋଟିଏ ଗ୍ରୁପରେ ୧୫ ଜଣ ନୃତ୍ୟ ପରିବେଷଣ କରିଥାନ୍ତି। ଢୋଲକ ଓ ଅନ୍ୟ ବାଦ୍ୟ ବଜାଇଥାନ୍ତି। ଜଙ୍ଗଲରୁ ସଂଗୃହିତ ଏକ ପ୍ରକାରର ବକଳରେ ପୋଷାକ ତିଆରି କରି ପିନ୍ଧିଥାନ୍ତି। ଗଛପତ୍ର, ମାଟି ଆଦିରୁ ରଙ୍ଗ ପ୍ରସ୍ତୁତ କରି ସଜେଇ ହୋଇଥାନ୍ତି। ହୋଲି ସମୟରେ ବ୍ୟବହୃତ ରଙ୍ଗ ମଧ୍ୟ ସାଜସଜା ବେଳେ ବ୍ୟବହାର କରନ୍ତି ବୋଲି ଲିଡର ଗୋପାଲ ଧାନୁକେ କହିଛନ୍ତି।

■ କେନ୍ଦୁଝରରେ ପଥ ଉତ୍ସବ 'ସୃଜନୀ'

# ନୃତ୍ୟଗୀତ ସାଙ୍ଗକୁ ଚିତ୍ରାଙ୍କନ

- ସଚେତନତା ବାର୍ତ୍ତା ବାଣ୍ଟିଲେ ଶିଶୁ
- ୫୦ରୁ ଊର୍ଦ୍ଧ୍ୱ ସ୍କୁଲର ଛାତ୍ରୀଛାତ୍ର ସାମିଲ

**କେନ୍ଦୁଝର, ୨୪।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପ୍ରଶାସନ ଆନୁକୂଲ୍ୟରେ ଶନିବାର ସକାଳେ ପଥ ଉତ୍ସବ 'ସୃଜନୀ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେକ୍ଟୋରେଟ୍‌ଠାରୁ ଲାବଣ୍ୟ ଛକ ପର୍ଯ୍ୟନ୍ତ ପଥ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଚିତ୍ର ଅଙ୍କନ, ନୃତ୍ୟଗୀତ ଓ ଖେଳର ମାହୋଲ ଭିତରେ ଏଥିରେ ଶତାଧିକ ଶିଶୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଆଶିଷ ଠାକରେ ଯୋଗଦେଇ ଶିଶୁମାନେ ଦେଶର ସମ୍ପଦ ଓ ଆଗାମୀର ରୂପକାର। ସେମାନେ କିପରି କୌଣସି କ୍ଷେତ୍ରରେ ନିର୍ଯାତିତ ଓ ଶୋଷିତ ନହୁଅନ୍ତି, ସେଥିପ୍ରତି ସମାଜର ଗୁରୁଦାୟିତ୍ୱ ରହିଛି। ଶିଶୁଙ୍କର ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ 'ସୃଜନୀ' ଆୟୋଜନ କରାଯାଇଛି। ମୁଖ୍ୟବକ୍ତା ଭାବେ ଆରକ୍ଷୀ ଅଧିକ୍ଷକ ଜେ.ଏନ୍. ପଙ୍କଜ ଯୋଗଦେଇ ଶିଶୁମାନେ ଅମୃତ ସନ୍ତାନ, ସେମାନଙ୍କଠାରେ ପ୍ରତିଭା



ଉତ୍ସବରେ ଯୋଗ ଦେଇଥିବା ଶିଶୁ



ୱାଲ ପେଣ୍ଟିଂ କରାଯାଉଛି।

ଭରପୁର ରହିଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ନୃସିଂହ ଚରଣ ସ୍ୱାଇଁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକ, ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର, ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ, କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ନିରଞ୍ଜନ ଜେନା, ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ ଯୋଗ ଦେଇଥିଲେ।

ସର୍ବଶିକ୍ଷା ଅଭିଯାନର ଜିଲା ଜନଜାତି ଶିକ୍ଷା ସଂଯୋଜକ ଦୁର୍ଗା ପ୍ରସନ୍ନ ନାୟକଙ୍କ ପରିଚାଳନାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ଜିଲାର ୫୦ ଉର୍ଦ୍ଧ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ର ପଥ ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ଶିଶୁ ଅଧିକାର ଓ ସୁରକ୍ଷା, ଜଙ୍ଗଲ ସୁରକ୍ଷା ବୃକ୍ଷରୋପଣ, ସ୍ୱଚ୍ଛ ଭାରତ, ଆମେ ପଢିବୁ, ଆମେ ଗଢିବୁ, ଶ୍ରେଷ୍ଠ ହେବୁ, ସଡକ ସୁରକ୍ଷା, ବିଶ୍ୱକପ୍ ହକି, ଜଳ ସଂରକ୍ଷଣ, ଜିଲାର ଦର୍ଶନୀୟ ସ୍ଥାନ ଓ ସଂସ୍କୃତି ଉପରେ ୱାଲ୍ ପେଣ୍ଟିଂ କରିଥିଲେ।